୬ ଭାରତକୁ ହଟାଇ ଅଷ୍ଟ୍ରେଲିଆ ନମ୍ବର ୧




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୯୬ ● ୪ ମଇ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-96 ● 4th May 2024, Saturday ● Bhubaneswar

Licensed to post without pre-payment of postage No- BN-60/22-24


# ଆଜି ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ବିଜେଡିର ମିଶନ ଦକ୍ଷିଣ ଓଡ଼ିଶା। ଶନିବାର ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ଟି ଲୋକସଭା କ୍ଷେତ୍ର ମଧ୍ୟରୁ ୩ଟି ଲୋକସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ।

କୋରାପୁଟ ଲୋକସଭା କ୍ଷେତ୍ରର କୋରାପୁଟ, ରାୟଗଡ଼ା ସହ ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପାରଳାଖେମୁଣ୍ଡିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବେ ବିଜେଡି ସୁପ୍ରିମୋ।



ପ୍ରଥମେ ଶନିବାର ସକାଳ ୧୦ଟାରେ କୋରାପୁଟରେ ପହଞ୍ଚି ବିଶାଳ ଜନସଭାକୁ ନବୀନ ଉଦବୋଧନ ଦେବେ। ଏହାପରେ ୧୧ଟା ୪୦ରେ ନବରଙ୍ଗପୁରରେ ପହଞ୍ଚି ସେଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ନବୀନ ସେଠାରୁ ରାୟଗଡ଼ା ଅଭିମୁଖେ ଯାଇ ସେଠାରେ ପହଞ୍ଚି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବେ।

ଶେଷରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପାରଳାଖେମୁଣ୍ଡିରେ ବିଶାଳ ଜନସଭାକୁ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ନବୀନଙ୍କ ସହ ୫-ଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହିବେ।

### ଆସ୍କା, କନ୍ଧମାଳ ଓ କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

# ମୁଖ୍ୟମନ୍ତ୍ରୀଙ୍କ ବିକାଶ କାମର ହିସାବ ଦେଲେ

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ଆସ୍କା, କନ୍ଧମାଳ ଓ କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରେ ଜୋରଦାର ପ୍ରଚାର କରିଛନ୍ତି। କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଞ୍ଜନଗରରେ ଦଳୀୟ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ଓ ବିକ୍ରମ କେଶରୀ ଆରୁଖଙ୍କ ପାଇଁ ଭୋଟ ମାଗିଥିବା ବେଳେ, ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଓ ସୋରଡା ବିଧାୟକ ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ସପକ୍ଷରେ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ଶ୍ରୀ



ପାଣ୍ଡିଆନ୍ କଳାହାଣ୍ଡି ଲୋକସଭା ନିର୍ବଚନ ମଣ୍ଡଳୀ ଅର୍ନ୍ତଗତ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ।

ନିଜ ଭାଷଣରେ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରି ଶ୍ରୀ ପାଣ୍ଡିଆନ କହିଲେ ଯେ ସେମାନେ ସବୁ କଥାରେ ଓଡ଼ିଶାକୁ ବିରୋଧ କରୁଛନ୍ତି। ସେମାନେ ଶାସକ ଦଳର ବିରୋଧୀ ନୁହନ୍ତି, ସେମାନେ ବିକାଶର ବିରୋଧୀ। ଓଡ଼ିଶାର ବିକାଶ ସବୁଆଡେ ଦିଶୁଛି। ସବୁ ଓଡିଶାବାସୀଙ୍କୁ ଦେଖାଯାଉଛି। କିନ୍ତୁ ବିରୋଧୀ ଦଳଙ୍କୁ କିଛି ଦେଖାଯାଉନାହିଁ। ଏଭଳି ବିରୋଧୀଙ୍କୁ ଉଚିତ ଜବାବ ଦେବେ ଆମର ଓଡ଼ିଆ ଭାଇଭଉଣୀ। (ପୃଷ୍ଠା ୭ରେ)

## ଆଜି ଆସିବେ ଜୟଶଙ୍କର



ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ଶନିବାରଠୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ବୈଦେଶିକ ବ୍ୟପାର ମନ୍ତ୍ରୀ ଏସ୍ ଜୟଶଙ୍କର। କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୟଶଙ୍କର କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ବୁଦ୍ଧିଜୀବୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଦୁଇ ଦିନର ଗସ୍ତ ବେଳେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ଗୁରୁମନ୍ତ୍ର ଦେବେ। ଏହାସହ ଗଣମାଧ୍ୟମ ପ୍ରତିନିଧି ଓ ଖବର କାଗଜର ସମ୍ପାଦକମାନଙ୍କୁ ମଧ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ୫ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ପୁନର୍ବାର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ନଡ୍ଡା (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ପ୍ରଚାର ପାଇଁ ୫ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ରାଜନୀତି ସରଗରମ ହୋଇଉଠିଥିବା ବେଳେ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ପ୍ରଚାର ପାଇଁ ୩ ଦଳର ହେଭିୱେଟ ନେତା ବ୍ୟାକ ଟୁ ବ୍ୟାକ ଓଡ଼ିଶା ଆସୁଛନ୍ତି। ଏହାରି ଭିତରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ ତାଙ୍କ ସୋସିଆଲ ମିଡିଆରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖ ରାତି ୭ଟା ସମୟରେ ଭୁବନେଶ୍ୱରରେ ପହଞ୍ଚିବେ ।

କେବଳ ମୋଦି ନୁହଁନ୍ତି, ଶନିବାର ଓଡ଼ିଶା ଆସୁଛନ୍ତି ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର। ବୈଦେଶିକ ମନ୍ତ୍ରୀ ୪ ଓ ୫ତାରିଖ ଦୁଇଦିନ



ଓଡିଶାରେ ରହିବେ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରରେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେହିପରି ତାଙ୍କ ପଛକୁ ୫ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓଡ଼ିଶା ଆସିବେ। ଏହି ସମୟରେ ସେ ଭୁବନେଶ୍ୱରରେ ଦଳୀୟ ପ୍ରମୁଖ ନେତାମାନଙ୍କ ସହ ଆଲୋଚନା କରିବେ । କଟକରେ ମଧ ନଡ୍ଡାଙ୍କ କାର୍ଯ୍ୟକ୍ରମ ରହିଥିବା ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# କଲବଲ ହେଲା ପଶ୍ଚିମ ଓଡ଼ିଶା, ବୌଦ୍ଧ ଉତ୍ତପ୍ତ ସହର

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ପାଲଟିଛି ଉତ୍ତପ୍ତ ସହର। ଶୁକ୍ରବାର ଏଠାରେ ତାପମାତ୍ରା ୪୪.୬ ଡ଼ିଗ୍ରୀ ରେକର୍ଡ କରାଯାଇଛି। ଏଥିସହ ୨୬ ସହର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ବୌଦ୍ଧରେ ତାପମାତ୍ରା ୪୪.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୪ ଡିଗ୍ରୀ, ନୂଆପଡ଼ାରେ ୪୩.୯ ଡିଗ୍ରୀ, ବଲାଙ୍ଗୀରରେ ୪୩.୪ ଡିଗ୍ରୀ, ମାଲକାନଗିରିରେ ୪୩.୩ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୩.୩ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ବାରିପଦାରେ ୪୨.୮ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ହୀରାକୁଦରେ ୪୨.୩ ଡିଗ୍ରୀ,




ତାଳଚେରରେ ୪୨.୨ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୧ ଡିଗ୍ରୀ, ସୋନପୁରରେ ୪୨.୧ ଡିଗ୍ରୀ, ଭୁବନେଶ୍ୱରରେ ୪୧.୬ ଡିଗ୍ରୀ, ଫୁଲବାଣୀରେ ୪୧.୫ ଡିଗ୍ରୀ, ଢେଙ୍କାନାଳରେ ୪୧.୫ ଡିଗ୍ରୀ, ନୟାଗଡ଼ରେ ୪୧.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୫ ଡିଗ୍ରୀ, ଜଗତସିଂହପୁରରେ ତାପମାତ୍ରା ୪୧.୩ ଡିଗ୍ରୀ ରେକର୍ଡ କରାଯାଇଛି।

ସେହିପରି ଯାଜପୁରରେ (ପୃଷ୍ଠା ୭ରେ)

# ସୁଜାତା କାର୍ତ୍ତିକ ପାଣ୍ଡିଆନ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ନିଯୁକ୍ତ

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା କ୍ୟାଡର ଆଇଏଏସ ଅଫିସର ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପଟେ ବରିଷ୍ଠ ଆଇଏଏସ ଅଧିକାରୀ ଶାଳିନୀ ପଣ୍ଡିତଙ୍କୁ ମିଶନ ଶକ୍ତି ବିଭାଗର ଦାୟିତ୍ୱ ମିଳିଛି।

ବିଜେପିର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବା ପରେ ମିଶନ ଶକ୍ତି ସଚିବ ପଦରୁ ସୁଜାତାଙ୍କୁ ବଦଳି କରିଥିଲେ ନିର୍ବାଚନ ଆୟୋଗ। ଏବେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି।

 କ୍ଷମତାର ଦୁରୁପଯୋଗ କରି ସ୍ୱୟଂ



ସହାୟକ ଗୋଷ୍ଠୀର ମହିଳାଙ୍କୁ ଧମକ ଦେଇ ବିଜେଡି ସପକ୍ଷରେ । ସୁଜାତା ପ୍ରୟାସ କରୁଛନ୍ତି ବୋଲି ବିଜେପି ପକ୍ଷରୁ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରାଯିବା ସହିତ ତୁରନ୍ତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଏପରିକି ତାଙ୍କୁ ନିର୍ବାଚନ (ପୃଷ୍ଠା ୭ରେ)

# ଶେଷ ଦୁଇ ପର୍ଯ୍ୟାୟ ପାଇଁ ବିଜେଡ଼ିର ୪୦ ଜଣିଆ ଷ୍ଟାର କ୍ୟାମ୍ପେନର

ଭୁବନେଶ୍ୱର, ୩।୫

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସାଧାରଣ ନିର୍ବାଚନର ଶେଷ ଦୁଇ ପର୍ଯ୍ୟାୟ ପାଇଁ ଶୁକ୍ରବାର ବିଜେଡି ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି । ଏଥିରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣ ରହିଛନ୍ତି।

ଦଳର ଷ୍ଟାର ପ୍ରଚାରକମାନେ ହେଲେ କାର୍ତ୍ତିକ ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା, ପଦ୍ମନାଭ ବେହେରା, ପ୍ରଦୀପ କୁମାର ଅମାତ, ଏନ୍. ଭାସ୍କର ରାଓ, ସୁବାସ ସିଂହ, ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ନିରଞ୍ଜନ ବିଶି, ମମତା ମହନ୍ତ, ମୁନା ଖାନ୍, ସୁଲତା ଦେଓ, ରବୀନ୍ଦ୍ର କୁମାର ଜେନା, ସରୋଜିନୀ ହେମ୍ବ୍ରମ, ସୁଶାନ୍ତ ସିଂ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଣବ କୁମାର ବଳବନ୍ତରାୟ, ଚିରଞ୍ଜୀବ ବିଶ୍ୱାଳ, ସୁଧୀର କୁମାର ସାମଲ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ଶ୍ରୀମୟୀ ମିଶ୍ର, ଏସକେ ନିଜାମୁଦ୍ଦିନ, ଈଶ୍ୱର ପାଣିଗ୍ରାହୀ, ଅମରେଶ ଜେନା ଓ ଏଲିନା ଦାସ। ମୋଟାମୋଟି ଭାବେ କହିଲେ ଦଳ ପ୍ରଥମ ଦୁଇ ପର୍ଯ୍ୟାୟର ଷ୍ଟାର କ୍ୟାମ୍ପେନରଙ୍କୁ ଶେଷ ଦୁଇ ପର୍ଯ୍ୟାୟ ପାଇଁ ମଧ ମଇଦାନରେ ଓହ୍ଲାଇଛି।

# ଷ୍ଟକ୍‌ବଜାରରେ ବଡ଼ ଧରଣର ହ୍ରାସ, ସେନସେକ୍ସ ୭୩୩ ପଏଣ୍ଟ କମିଲା

ମୁମ୍ବାଇ , ୩।୫

ସପ୍ତାହର ଅନ୍ତିମ କାରବାର ଦିନରେ ଷ୍ଟକବଜାର ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି । ବିଏସଇ ସେନସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୭୩,୮୭୮ ପଏଣ୍ଟରେ ବନ୍ଦ ହୋଇଛି । ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ନିଫଟି ୧୯୧ ପଏଣ୍ଟ ହ୍ରାସ ପାଇ ୨୨,୪୫୬ ପଏଣ୍ଟରେ ବନ୍ଦ ହୋଇଛି ।

ଦିନ ପ୍ରାୟ ୧.୩୦ ମିନିଟ ରେ ବିଏସ୍‌ଇ ସେନ୍ସେକ୍ସ ୧୧୦୦ ପଏଣ୍ଟ ହ୍ରାସ ପାଇ ୭୩,୪୮୫.୦୧ ସ୍ତରରେ ପହଞ୍ଚିଥିଲା। ସେହିପରି ଏନଏସଇ ନିଫ୍ଟି ୪୧୮ ପଏଣ୍ଟ ହ୍ରାସ ପାଇ ୨୨,୩୪୮.୦୫ ସ୍ତରକୁ ଖସି ଆସିଥିଲା । ତେବେ ବନ୍ଦ ହେବା ପୂର୍ବରୁ ସୂଚକାଙ୍କଗୁଡ଼ିକରେ କିଛିଟା ସୁଧାର ଆସିଥିଲା ଓ ନିବେଶକଙ୍କ କ୍ଷତିର କିଛିଟା ଭରଣା ହୋଇଥିଲା। ଶୁକ୍ରବାରର ଦିନରେ ନିବେଶକମାନେ ପ୍ରାୟ ୨ ଲକ୍ଷ କୋଟି ହରାଇଛନ୍ତି । କିନ୍ତୁ ଶୁକ୍ରବାର ସକାଳେ ଉଭୟ ସେନସେକ୍ସ ଓ ନିଫଟି ଉଲ୍ଲେଖନୀୟ ବୃଦ୍ଧି ସହ କାରବାର ଆରମ୍ଭ (ପୃଷ୍ଠା ୭ରେ)

# ରାଏବରେଲିରୁ ନାମାଙ୍କନ ଦାଖଲ କଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ , ୩।୫

ଉତ୍ତରପ୍ରଦେଶର ରାଏବରେଲି ଲୋକସଭା ଆସନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧି ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ତାଙ୍କ ମା ସୋନିଆ ଗାନ୍ଧୀ ମଧ ଉପସ୍ଥିତ ଥିଲେ। ନାମାଙ୍କନ ସମୟରେ ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ତାଙ୍କ ସ୍ୱାମୀ ରବର୍ଟ ଭଦ୍ରା ମଧ ଉପସ୍ଥିତ ଥିଲେ । ଏହି ଆସନରୁ ବିଜେପି ପ୍ରାର୍ଥୀ ଦିନେଶ ପ୍ରତାପ ସିଂହଙ୍କୁ ପ୍ରାର୍ଥୀ କରିଛି। ଦିନେଶ ପ୍ରତାପ ୨୦୧୯ରେ ମଧ ଏହି ଆସନରୁ ନିର୍ବାଚନ ଲଢ଼ିଥିଲେ।

ଶୁକ୍ରବାର ସକାଳେ କଂଗ୍ରେସ ରାଏବରେଲି ଏବଂ ଆମେଠି ଆସନ ପାଇଁ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ରାହୁଲ ରାୟବରେଲି ଆସନରୁ ନିର୍ବାଚନ ଲଢୁଥିବା ବେଳେ କିଶୋରୀ ଲାଲ ଶର୍ମାଙ୍କୁ ଗାନ୍ଧୀ ପରିବାରର (ପୃଷ୍ଠା ୭ରେ)

## ଏକାଳ ସକାଳ



ମିଳୁନି ଏଯାଏ ଟିକେଟ ଗୋଟିଏ
ବିରୋଧୀ ଦେଖାନ୍ତି ଟାଣ
ପୁରୁଣା ନେତା ଗରଜନ୍ତି ଭାରି
ମାରିବାକୁ ରେଡ୍ଡି ବାଣ
କଥାରେ ଦେଇକି ସାଣ
ଇମ୍ପାକ୍ଟ ପ୍ଲେୟାର ହେଇଯିବେ ଯଦି
କରିବେନି ହଇରାଣ।

# ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ପୋଷ୍ୟ ପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ




କଟକ, ୩।୫

ନ୍ୟୁଜ୍ ବ୍ୟୁରୋ

ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ଗ୍ରହଣ କରିଥିବା ପୋଷ୍ୟପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିପାରିବ ବୋଲି ଓଡ଼ିଶା ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି । ଏଥିସହ ସ୍ତ୍ରୀ ପୋଷ୍ୟ ଭାବେ ଗ୍ରହଣ କରିଥିବା ପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ସପକ୍ଷରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ) ୨୦୧୫, ସେପ୍ଟେମ୍ବର ୨୯ରେ କରିଥିବା ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ କାଏମ ରଖିଛନ୍ତି। ଏଥିସହ ଏହି ମାମଲାରେ ସ୍ୟାଟ ରାୟ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ଜଷ୍ଟିସ ଗୌରୀ ଶଙ୍କର ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ସ୍ୟାଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି।

ଓସିଏସ୍(ଆର୍ଏ) ନିୟମାବଳୀ, ୧୯୯୦ ଅନୁସାରେ ପଞ୍ଜୀକୃତ ଦଲିଲ ମାଧ୍ୟମରେ ଆଇନ ଅନୁଯାୟୀ, ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ପୁତ୍ର ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ। ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ପଞ୍ଜୀକୃତ ହୋଇଥିବା ପୋଷ୍ୟ ସନ୍ତାନଙ୍କ ଦଲିଲକୁ ଅନୁକମ୍ପାମୂଳକ (ପୃଷ୍ଠା ୭ରେ)

# ଗୁଗୁଲ୍ କ୍ରୋମ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ପାଇଁ ଆସୁଛି ବଡ ବିପଦ

ନୂଆଦିଲ୍ଲୀ , ୩।୫

ଗୁଗୁଲ କ୍ରୋମ ବ୍ୟବହାର କରୁଥିବା ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ ଏକ ବଡ ବିପଦ ଆସୁଛି । ଭାରତ ସରକାର ଏହାକୁ ନେଇ ଚେତାବନୀ ଦେଇଛନ୍ତି । ବାସ୍ତବରେ କମ୍ପ୍ୟୁଟର ଏମରଜେନ୍ସି ରେସପନ୍ସ ଟିମ ଗୁଗୁଲ କ୍ରୋମ ବ୍ରାଉଜରର କିଛି ଭର୍ସନରେ ମିଳିଥିବା ସୁରକ୍ଷା ତ୍ରୁଟି ବିଷୟରେ ଚେତାବନୀ ଜାରି କରିଛି। ରିପୋର୍ଟ ଅନୁଯାୟୀ ଏହି ତ୍ରୁଟି ଗୁଡିକୁ ହ୍ୟାକର୍ସମାନେ ବ୍ୟବହାର କରି ଇଚ୍ଛାଧୀନ ସଂକେତ କାର୍ଯ୍ୟକାରୀ କରିବା, ସ୍ଥିତିକୁ ପ୍ରତ୍ୟାଖ୍ୟାନ କରିବା, ସମ୍ବେଦନଶୀଳ ସୂଚନା ହାସଲ କରିବା ଏବଂ ଲକ୍ଷ୍ୟ ପ୍ରଣାଳୀ ଉପରେ ବାଇପାସ ପ୍ରତିବନ୍ଧକ ବ୍ୟବହାର



କରାଯାଇପାରିବ। ହ୍ୟାକରମାନେ ଏହି ଦୁର୍ବଳତାର ଲାଭ ଉଠାଇ ପାରିବେ ଏବଂ ଆପଣଙ୍କ ସିଷ୍ଟମରୁ ତଥ୍ୟ ବାହାର କରିପାରିବେ। ଏହି ତଥ୍ୟରେ ଲଗଇନ ପ୍ରମାଣପତ୍ର ଏବଂ ଆର୍ଥିକ ବିବରଣୀ ଅନ୍ତର୍ଭୁକ୍ତ ଯେକୌଣସି ସ୍ଥାନରୁ ହ୍ୟାକରମାନେ ଏହି ଦୁର୍ବଳତାର ଲାଭ ଉଠାଇ ପାରିବେ। ଏଭଳି ପରିସ୍ଥିତିରେ ସତର୍କ ରହିବା ନିହାତି ଆବଶ୍ୟକ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୪ ମଇ ୨୦୨୪ ଶନିବାର




# ଆଗାମୀ ସାଧାରଣ ନିର୍ବାଚନ ପାଇଁ ଖର୍ଚ୍ଚତଦାରଖ ନିମନ୍ତେ ପ୍ରାକ୍ ଅଭିମୁଖୀକରଣ ବୈଠକ

**ବାଲେଶ୍ୱର, ନ୍ୟୁଜ୍**



ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପ୍ରସ୍ତୁତି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ କକ୍ଷଠାରେ ସହକାରୀ ଖର୍ଚ୍ଚ ଅଧିକାରୀଙ୍କ ନିମନ୍ତେ ଏକ ପ୍ରାକ୍ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଏବଂ ଜିଲ୍ଲା ପରିଷଦର ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ ଓ ଏହି ବୈଠକରେ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ନଜର ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ସମାନ ସୁଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ବୈଠକରେ ପାରଦର୍ଶିତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ପାଇଁ ସମସ୍ତ ପ୍ରାର୍ଥୀଙ୍କ ପାଇଁ ବ୍ୟାପକ ଖର୍ଚ୍ଚ ବିବରଣୀକୁ ରେକର୍ଡ କରିବା ପାଇଁ ପ୍ରକ୍ରିୟାକୁ ମାନକୀକୃତ ଦ୍ୱାରା ପ୍ରାର୍ଥୀଙ୍କ ଖର୍ଚ୍ଚ ବିବରଣୀର ରକ୍ଷଣାବେକ୍ଷଣ କରାଯିବା ବିଷୟରେ ପ୍ରମୁଖ ଆଲୋଚନା କରାଯାଇଥିଲା ଓ ରାଜନୈତିକ ଦଳମାନଙ୍କ ସହ ସମନ୍ୱୟ ରକ୍ଷା କରି ଖର୍ଚ୍ଚ ନିର୍ଦ୍ଦେଶାବଳୀ ଏବଂ ରିପୋର୍ଟ ଆବଶ୍ୟକତାକୁ ପାଳନ କରିବା ଲାଗି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ ଓ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କୁ ଆବଶ୍ୟକୀୟ ସମ୍ବଳ ଏବଂ ସହାୟତା ଯୋଗାଇ ପ୍ରାର୍ଥୀମାନଙ୍କ ଖର୍ଚ୍ଚର ତଦାରଖ କରିବାରେ ସେମାନଙ୍କର ତଦାରଖକାରୀ ଭୂମିକାକୁ ପ୍ରଭାବୀ ଢଙ୍ଗରେ ନିର୍ବାହ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ସମସ୍ତେ ମତାମତ ଦେଇଥିଲେ । ବିଭିନ୍ନ କାର୍ଯ୍ୟକାରୀ ଏଜେନ୍ସିମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା, ଯାହାଫଳରେ ସୂଚନାର ଅବାଧ ଆଦାନପ୍ରଦାନ ହୋଇପାରିବ ଏବଂ ଖର୍ଚ୍ଚ ନିୟମର କୌଣସି ଉଲ୍ଲଂଘନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ବରିଷ୍ଠ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ ଓ ସେହିଭଳି ନିର୍ବାଚନ ସମ୍ପର୍କିତ ବିଜ୍ଞାପନ ଓ ପ୍ରଚାର ସାମଗ୍ରୀର ସଠିକ୍ ଯାଞ୍ଚ ପାଇଁ ମିଡ଼ିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ କମିଟି (ଏମ୍ସିଏମ୍ସି) ସେଲ୍‌ର କାର୍ଯ୍ୟ ଦକ୍ଷତା ସମ୍ପର୍କରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

# କର୍ମୀଙ୍କ ଗହଣରେ ନାମାଙ୍କନ ପତ୍ର ଦାଖଲ କଲେ ଦେବୀ ମିଶ୍ର

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ବଡ଼ମ୍ବା ନରସିଂହପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ଦେବୀ ପ୍ରସାଦ ମିଶ୍ର ମଙ୍ଗଳବାର ସକାଳ ସମୟରେ ମା' ଭଟ୍ଟାରିକାଙ୍କୁ ପୂଜା ଅର୍ଚ୍ଚନା କରି ସ୍ୱଳ୍ପ ସଂଖ୍ୟକ କର୍ମୀମାନଙ୍କ ଗହଣରେ ଆଠଗଡ଼ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚି ସେଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସାଙ୍ଗରେ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଥିବା ବେଳେ କଟକ ଏବଂ ବଡ଼ମ୍ବା ଅଞ୍ଚଳର କିଛି ଛାମୁଆଁ ନେତାଙ୍କୁ ଛାଡ଼ିଦେଲେ ସେଭଳି କିଛି ଭିଡ଼ ଦେଖିବାକୁ ମିଳିନଥିଲା । ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରାର୍ଥୀପତ୍ର ଦାଖଲ ବେଳେ ଯେଭଳି ଭିଡ଼ ଦେଖିବାକୁ ମିଳିଥିଲା ସେହି ଅନୁସାରେ ଆଠଗଡ଼ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଲୋକଙ୍କ ଭିଡ଼ ନିରାଶ କରିଛି । ଶ୍ରୀ ମିଶ୍ର ନିଜର ସମର୍ଥକଙ୍କ ଗହଣରେ ଚାରି ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ଶ୍ରୀ ମିଶ୍ରଙ୍କ ରାଲି ହେବା ସମୟରେ ପ୍ରଚଣ୍ଡ ଖରା ହେଉଥିବା ବେଳେ ଆସିଥିବା କର୍ମୀମାନେ ଖାଦ୍ୟ ଏବଂ ପାଣି ପିଇବାକୁ ନେଇ କର୍ମୀମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବା ବେଳେ ତାହା କ୍ରମଶଃ ଉଗ୍ର ରୂପ ଧାରଣ କରିବା ପୂର୍ବରୁ ପୋଲିସ ହସ୍ତକ୍ଷେପ ଯୋଗୁଁ ପରିସ୍ଥିତି ଶାନ୍ତ ପଡିଥିଲା ।

# ଶତ ପ୍ରତିଶତ ଭୋଟ୍ ଦାନ ପାଇଁ ନିବେଦନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଚଳିତ ୨୦୨୪ ମସିହା ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ବାସୀ ଶତ ପ୍ରତିଶତ ଭୋଟ୍ ଦେଇ ଉପଯୁକ୍ତ ବିଧାୟକ ଏବଂ ଲୋକସଭା ସଦସ୍ୟ ନିର୍ବାଚିତ କରିବାକୁ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ନିବେଦନ କରାଯାଇଛି । ତତ୍‌ସହିତ ୧୯୫୧ ମସିହା ପ୍ରଥମ ସାଧାରଣ ନିର୍ବାଚନରେ ଦେଶର ଜନସଂଖ୍ୟା ମାତ୍ର ୩୭ କୋଟି ଥିବା ବେଳେ ଏବେ ତାହା ୧୪୪ କୋଟି ପହଞ୍ଚି ସାମୁହିକ ବିକାଶର ବହୁଗୁଣରେ ଆବଶ୍ୟକତା ଅଛି । ୧୯୫୨ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଦେଶରେ ଏକ ସଙ୍ଗେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ହୋଇ ସରକାରୀ ଅର୍ଥର ଅଳ୍ପରେ ସଦୁପୋଯୋଗ ହୋଇଥିବା ହେତୁ ଆଗାମୀ ୨୦୨୯ ନିର୍ବାଚନକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଏକ ସଙ୍ଗେ କରିବା ପାଇଁ ଫୋରମ୍ ଦାବି କରିଛି । ତେବେ ଆଗାମୀ ନିର୍ବାଚନର ଜୁନ୍ ମାସ ୪ ତାରିଖ ନିର୍ବାଚନ ଫଳ ପ୍ରକାଶ ପରେ ବାରିପଦା ଷ୍ଟାଡିୟମ୍ ସଭା କକ୍ଷରେ ନିର୍ବାଚିତ ସର୍ବଦଳୀୟ ଲୋକ ପ୍ରତିନିଧି ମାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ଫୋରମ୍ ତରଫରୁ ଏହି ଉତ୍ସବରେ ଜିଲ୍ଲାର ସମସ୍ତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ ବନ୍ଧୁ ଏବଂ ବିଶିଷ୍ଟ ବୁଦ୍ଧିଜୀବୀ ମାନଙ୍କୁ ମୟୂରଭଞ୍ଜର ସାମୁହିକ ବିକାଶ ଲାଗି ନିମନ୍ତ୍ରଣ କରାଯିବ ବୋଲି ଫୋରମ୍‌ର ଉପସଭାପତି ଆଡ୍. ପ୍ରବୀର କୁମାର ବସା, ସମ୍ପାଦକ ଆଡ୍. ବିପ୍ଳବ କୁମାର ବାରିକ, ଉଦଳା ସଦସ୍ୟ ଆଡ୍, ଲମ୍ବୋଦର ବେହେରା, ବେତନଟୀ ସଦସ୍ୟ ଆଡ୍. ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ସଦସ୍ୟ ଆଡ୍. ସଞ୍ଜୟ କୁମାର ସାହୁ, ରାଇରଙ୍ଗପୁର ଆଡ୍.ପ୍ରଦ୍ୟୁମ୍ନ କୁମାର ଲେଙ୍କା ଏବଂ ବଡସାହି ସଦସ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ ପ୍ରମୁଖ ସୂଚନା ଦେଇଛନ୍ତି ।

# ଶକ୍ତି ପ୍ରଦର୍ଶନ କଲେ ମନ୍ତ୍ରୀ ନିରଞ୍ଜନ ପୂଜାରୀ:ବିଶାଳ ଶୋଭାଯାତ୍ରା ଓ ସହର ପରିକ୍ରମାରେ କଲେ ଭୋଟ୍ ଭିକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ସୁବର୍ଣ୍ଣପୁର ଠାରେ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଏକ ବିଶାଳ ସମାବେଶ କରିଥିଲେ । ସୋନପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରି ଶ୍ରୀ ପୂଜାରୀ ଏକ ବିଶାଳ ଶୋଭାଯାତ୍ରାରେ ସୋନପୁର ସହର ପରିକ୍ରମା କରି ଚଳିତ ନିର୍ବାଚନରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଉଭୟଙ୍କୁ ବିପୁଳ ଭୋଟ୍‌ରେ ବିଜୟ ଲାଭ କରାଇବା ସହ ଓଡ଼ିଶାରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ କ୍ଷମତା ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ । ବିଜୁ ପଟ୍ଟନାୟକ ଛକ ଠାରେ ପହଞ୍ଚି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଓ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ସମାବେଶରେ ଆସି ଜନସାଧାରଣଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମାବେଶରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁପାର ଠେଲୋ, ବିଜେଡିର ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ କୁଶଳ, ଉପ ସଭାପତି ରମେଶ ପୂଜାରୀ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ପୀୟୂଷ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ତରଭା ଓ ଡୁଙ୍ଗୁରିପାଲି ବ୍ଲକ୍ ଅଧ୍ୟକ୍ଷ, ତରଭା ଓ ବିନିକା ଏନ୍‌ଏସି ଅଧ୍ୟକ୍ଷ, ମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳ ବରାଇ, ନଗର ସଭାପତି ଜନ୍ମଞ୍ଜୟ ପାତ୍ର, ମାନଭଞ୍ଜନ ମିଶ୍ର, ସୁଭାଷ ସେଠୀ, ସତ୍ୟ ନାରାୟଣ ତ୍ରିପାଠୀ, ମାନ ଭଞ୍ଜନ ବେଦବାକ, ଆନନ୍ଦ ପାତ୍ର, ଶାଶ୍ୱତ ମିଶ୍ର, ଶାନ୍ତନୁ ବାଗ, ଗୋପାଳ ମେହେର, ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ଯୋଗଦେଇଥିଲେ । ତିନୋଟି ବ୍ଲକରୁ ହଜାର ହଜାର ମହିଳା, ପୁରୁଷ ସମାବେଶରେ ସାମିଲ ସୋଇଥିଲେ । ଶ୍ରୀ ପୂଜାରୀ ତାଙ୍କ ରାଜନୈତିକ ଜୀବନ ବିନିକା ନିର୍ବାଚନ ମଣ୍ଡଳୀରୁ ଆରମ୍ଭ କରି ବିନିକାରେ ଦୁଇ ଥର ବିଧାୟକ ଓ ସୋନପୁର ଆସନରେ ତିନି ଥର ବିଧାୟକ ବିଜୟୀ ହୋଇ ନବୀନ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ନିର୍ବାହ କରି ସେ ଜଣେ ଦକ୍ଷ ଓ ସଫଳ ରାଜନୈତିଜ୍ଞ ଭାବରେ ପ୍ରମାଣ ଦେଇ ସାରିଛନ୍ତି । ଏବଂ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଗତ ଉପନିର୍ବାଚନ ମାନଙ୍କରେ ବିଜେପୁର, ଝାରସୁଗୁଡ଼ା ଓ ରାଜ୍ୟର ବିଭିନ୍ନ ଉପ ନିର୍ବାଚନ ସମୟରେ ଓ ଦଳ ସଙ୍କଟ ବେଳେ ସଂକଟ ମୋଚନ ପରି ଛିଡ଼ା ହୋଇ ସବୁ ସମସ୍ୟାର ସମାଧାନ କରିଥିବା ମଧ୍ୟ ଦକ୍ଷତା ଅର୍ଜନ କରିଛନ୍ତି । ଓ ରାଜ୍ୟ ମନ୍ତ୍ରୀ ମଣ୍ଡଳର ଜଣେ ଆଗ ଧାଡ଼ିର ନେତା ଭାବେ ପରିଚିତ କରାଇଛନ୍ତି ।

# ଶ୍ରମିକ ଦିବସରେ ମହିଳା ଶ୍ରମିକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଶ୍ରମିକ ଦିବସ ଦିନ ଝଲିଗଲା ଶ୍ରମିକଙ୍କ ଜୀବନ । ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ରଥିଆ ନିକଟରେ ବୁଧବାର ଶ୍ରମିକ ଦିବସ ଦିନ ସକାଳ ସମୟରେ ବାରିପଦା ଉଦଳା ଥାନା ଶାଳମଣ୍ଡଳୀ ଅଞ୍ଚଳରୁ ଏକ ବୋଲେରୋରେ ୮ ଜଣ ଶ୍ରମିକ ଭୁବନେଶ୍ୱର ଯାଉଥିବା ସମୟରେ ରାଥିଆ ଛକ ନିକଟରେ ଏକ ଜେସିବି ସହ ଧକ୍କା ହେବାରୁ ମହିଳା ଶ୍ରମିକ ରାଧିକା ବିନ୍ଧାଣୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଶ୍ରମିକ ଗୁରୁତର ଆହତ ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଧର୍ମଶାଳା ପୋଲିସ ଦୁର୍ଘଟଣା ସ୍ଥଳରୁ ଜେସିବି ଓ ବୋଲେରୋକୁ ଜବତ କରି ଘଟଣାର ତଦନ୍ତ କରୁଛି ।



# କାଳବୈଶାଖୀରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ଓ ଜାଲ କ୍ଷତିଗ୍ରସ୍ତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା କାଳବୈଶାଖୀ ଘଡ଼ଘଡ଼ି ବର୍ଷା ପବନରେ ଚିଲିକାରେ ବିଭିନ୍ନ ଜାଗାରେ ଦଙ୍ଗା ଓ କିଛି ଘର ଭାଙ୍ଗି ନଷ୍ଟ ହୋଇଯିବା ସୂଚନା ମିଳିଛି । ବିଶେଷକରି କୁମରପୁର ମତ୍ସ୍ୟଜୀବୀଙ୍କ ଶତାଧିକ ଡଙ୍ଗା ଭାଙ୍ଗି ଚୁରମାର୍ ହୋଇଛି । ତତ୍ ସହିତ ଚିଲିକା ପାଖ ଘର ନଷ୍ଟ ହୋଇଛି । ଏହି ଖବରପାଇ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଓ ସମାଜସେବୀ ଅଭିଷେକ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କ ଦୁଃଖରେ ଭାଗିଦାର ହୋଇ ପ୍ରଶାସନକୁ ଦୃଷ୍ଟି ଗୋଚର କରିବା ସହ ପର ମୁହୂର୍ତ୍ତରେ ପ୍ରାକୃତିକ ବିପର୍ଯ୍ୟର ଯେପରି ପୁନରାୟ ସମ୍ମୁଖୀନ ନହେବା ସେଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି ।

# ମା' ମନ୍‌ସା ଦେବୀଙ୍କ ଆଶୀର୍ବାଦ ନେଲେ ଅତନୁ ଓ ଅଂଶୁମାନ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**



ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀ ବିଜୁଜନତା ଦଳର ପ୍ରାର୍ଥୀ ଅଂଶୁମାନ ମହାନ୍ତି ବଟୀଘର ପଞ୍ଚାୟତ ଗସ୍ତ କରି ମା' ମନସା ଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି । ପ୍ରଥମେ ଦୁଇ ନେତା ମା' ରାମଚଣ୍ଡୀଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ । ପରେ ଏକ ବିରାଟ ପଟୁଆରରେ ଶତାଧିକ ମୋଟର ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ପେଟଛେଲା, ରାମନଗର ଖରିନାସୀ, ବଟୀଘର ପଞ୍ଚାୟତର ବିଭିନ୍ନ ଗାଁ ଅତିକ୍ରମ କରି ମା'ମନସା ଦେବୀଙ୍କୁ ଦର୍ଶନ କରିଥିଲେ । ବାଟରେ ବିଭିନ୍ନ ସ୍ଥାନରେ ଉଭୟ ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବଟୀଘର ପଞ୍ଚାୟତର ସାନଟୁବି, ବଡ଼ଟୁବି, ଉତ୍ତର ଖଳା, ଦକ୍ଷିଣ ଖଳା, ବଟୀଘର, କୋଚିଲା ବେଲାରୀ ପ୍ରଭୃତି ଗାଁ ଗୁଡ଼ିକରେ ବିଭିନ୍ନ ସ୍ଥାନରେ ମହିଳାମାନେ ଉଭୟ ନେତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ମା'ଙ୍କୁ ଦର୍ଶନ କରିସାରିବା ପରେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ, ଏ ଅଞ୍ଚଳର ବିଜୁ ବାବୁଙ୍କର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆଶୀର୍ବାଦ ଏ ଅଞ୍ଚଳ ଉପରେ ରହିଛି । ଯାହାପାଇଁ ଅନେକ ସମସ୍ୟାର ସମାଧାନ ହୋଇଛି । ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଅଞ୍ଚଳର ପୂର୍ବତନ ବିଧାୟକ ସ୍ୱର୍ଗତ ନଳିନୀ ମହାନ୍ତିଙ୍କ ସୁପୁତ୍ର ଅଂଶୁମାନ ମହାନ୍ତିଙ୍କୁ ଏ ଅଞ୍ଚଳର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ତି । ତେଣୁ ଏ ଅଞ୍ଚଳର ଆଶୀର୍ବାଦ ଆମ ଦୁଇ ଭାଇଙ୍କ ଉପରେ ଆପଣ ମାନଙ୍କର ରହିଥାଉ ବୋଲି କହିଥିଲେ । ଅପରପକ୍ଷେ ଅଂଶୁମାନ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଥିଲେ । ବିଜୁ ବାବୁଙ୍କ ପରିବାର ପୁଣି ଏକାଠି ହୋଇଛନ୍ତି । ଅଞ୍ଚଳର ବିକାଶ ପାଇଁ ଯାହାକିଛି ଆବଶ୍ୟକ ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ବିଜୟ ଜେନା, ଅମରେନ୍ଦ୍ର ସାମଲ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭି ଜେନା, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ଜିଲ୍ଲା ପରିଷଦ ସଭ୍ୟ ଶୈଳେନ ମଣ୍ଡଳ, ସରପଞ୍ଚ ଶିବାନୀ ବିଜୁଳି, ଦେବୁ ଦାସ, ରଞ୍ଜନ ଦାସ, ସୁବାଷ ବିଶ୍ୱାସ, ହିମାଂଶୁ ଶେଖର ସାହୁ, ସଂଜୟ ଜେନା, ସରପଞ୍ଚ ରତିକାନ୍ତ ପଣ୍ଡା, ସ୍ମୃତିରଞ୍ଜନ ପ୍ରଧାନ, ହେମନ୍ତ ସାହୁ, ଗୁରୁପଦ ବାରିକ୍, କେଶବ ମାନ୍ନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ବଟୀଘର ପଞ୍ଚାୟତର ବିଭିନ୍ନ ଦଳର କର୍ମୀମାନେ ଆସି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ ।

# ଇଞ୍ଚାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଠାରେ ଥିବା ଇଞ୍ଚା କାରଖାନାର ଶ୍ରମିକ ମାନଙ୍କୁ ନେଇ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଶ୍ରମିକମାନେ ରହୁଥିବା କଲୋନୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶ୍ରମିକ ପରିବାର ଯୋଗଦେଇଥିଲେ । ଇଞ୍ଚା ଶ୍ରମିକ ମାନଙ୍କ ପ୍ରତିନିଧି ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଇଞ୍ଚାର ଭି.ପି ବିନୟ କୁମାର ଅଗ୍ରୱାଲ ଓ ସିନିୟର ମ୍ୟାନେଜର ଜି.ସାରଦା ପ୍ରସାଦ ରାଓ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କୁଶଳୀ ଶ୍ରମିକ ଓ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଶ୍ରମିକ ମାନଙ୍କ ଅଧିକାର ଉପରେ ସଭାରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଏଥି ସହିତ ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ଜିନିଷ ଓ ଖାଦ୍ୟର ୩୦ଟି ଷ୍ଟଲ୍ ଖୋଲା ଯାଇଥିଲା । ଶ୍ରମିକ ମାନଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ତାତିରେ ଲାଗିଲା ବ୍ରେକ୍:କାଳବୈଶାଖୀ ପ୍ରଭାବରେ କମିଲା ତାପମାତ୍ରା

**କଟକ, ନ୍ୟୁଜ୍ ବ୍ୟୁରୋ**

ତାତିରୁ ସାମାନ୍ୟ ଆଶ୍ୱସ୍ତି । କାଳବୈଶାଖୀ ପ୍ରଭାବରେ କମିଲା ତାପମାତ୍ରା । ବିଶେଷ କରି କଟକିଆଙ୍କୁ ତାତିରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି । କଟକ ସହରର ଅଧିକାଂଶ ଅଞ୍ଚଳରେ କାଳବୈଶାଖୀ ବର୍ଷା ହୋଇଛି । ଫଳରେ ତାତିରେ ଆଉଟୁ ପାଉଟୁ ହେଉଥିବା ଲୋକଙ୍କୁ ମିଳିଛି ତ୍ରାହି । ଏହା ସହ କୋହଲା ପାଗ ହେବା ସହ ବର୍ଷା ଜାରି ରହିଛି । ଅନ୍ୟପଟେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବି ଝିପିଝିପି ବର୍ଷା ସହ କୋହଲା ପାଗ ଲାଗି ରହିଛି । ସୂଚନା ଥାଉକି, ବାୟୁମଣ୍ଡଳରେ ଜଳୀୟବାଷ୍ପ ବଢ଼ିବା ସହ ବହୁ ସ୍ଥାନରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିବା ନେଇ ସ୍ପଷ୍ଟ କରିଥିଲେ ପାଣିପାଗ ବିଶେଷଜ୍ଞ । ତାପମାତ୍ରାରେ ବଡ଼ ଧରଣର ହ୍ରାସ ଘଟିବ ବୋଲି ସୂଚନା ମିଳିଥିଲା । ବିଶେଷ କରି ବୁଧବାର ଦିନ ପାଗ ସାମାନ୍ୟ ବଦଳିଛି । ସକାଳୁ ସକାଳୁ ତାତି ରହିଥିଲେ ସୁଦ୍ଧା ମଧ୍ୟାହ୍ନରେ କାଳବୈଶାଖୀ ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣରେ ପାରଦ ୧ରୁ ୨ ଡିଗ୍ରୀ ଖସିଛି । ଏହାର ପ୍ରଭାବରେ ଗୁରୁବାର ଠାରୁ ତାପମାତ୍ରା ସାମାନ୍ୟ କମିଛି । ତଥାପି ୫ ତାରିଖ ପର୍ଯ୍ୟନ୍ତ ବଡ଼ ଆଶ୍ୱସ୍ତି ସମ୍ଭାବନା ନାହିଁ ।

# କେନ୍ଦ୍ରାପଡ଼ା ବ୍ଲକରେ ବିଜେପିର ପ୍ରଚାର ଜୋର୍‌ଦାର୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡା ଜିଲ୍ଲା ବିଜେପି ଲୋକସଭା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ନିର୍ବାଚନ ପ୍ରଚାର ଅଭିଯାନକୁ ଜୋର୍‌ଦାର୍ କରିଛନ୍ତି । ଲୋକସଭା ପ୍ରଭାରୀ ଭାବେ ଦଳ ପକ୍ଷରୁ ଦାୟିତ୍ୱ ମିଳିବା ପରେ ସକ୍ରିୟ ଭାବେ କେନ୍ଦ୍ରାପଡା ବ୍ଲକର ବାରୋ, ପୁରସ୍ତମପୁର, ବାଲିଆ, ଭାଗବତପୁର, ପଳସିଂହା, କୋରୋ ପ୍ରଭୃତି ପଞ୍ଚାୟତ ଓ ଗ୍ରାମ ଗୁଡିକର ବିଭିନ୍ନ ଅଞ୍ଚଳରେ ଭୋଟର ମାନଙ୍କୁ ସାକ୍ଷାତ କରି ବିଜେପି ସପକ୍ଷରେ ପଦ୍ମଫୁଲରେ ଭୋଟ୍ ଦେବାପାଇଁ ଭୋଟର ମାନଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି । ଡ଼ଃ ଜେନା ବିଜେପିରେ ଯୋଗ ଦେବା ପରେ ଦଳ ତାଙ୍କ ଉପରେ ଭରସା ରଖି ତାଙ୍କୁ ପ୍ରଭାରୀ ଭାବରେ ନିଯୁକ୍ତି ଦେଇଛି । ତାଙ୍କର ଲୋକପ୍ରିୟତାକୁ ପାଥେୟ କରି ଭୋଟର ମାନଙ୍କ ନିକଟରେ ପହଞ୍ଚି କେନ୍ଦ୍ରର ସରକାରଙ୍କ ଆର୍ଥିକ ବିକାଶ, ରାଷ୍ଟ୍ରୀୟ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ବିଭିନ୍ନ ଯୋଜନା ଗୁଡିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି । ଯୋଜନା ଗୁଡିକ ଦ୍ୱାରା ଜନସାଧାରଣ ଉପକୃତ ହେଉଛନ୍ତି କି ନାହିଁ ତାହା ମଧ୍ୟ ଆଲୋଚନା କରୁଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସଫଳ ବିଦେଶ ନୀତି ତଥା ଦେଶକୁ ବିଶ୍ୱର ୫ମ ଆର୍ଥିକ ଶକ୍ତି ଭାବେ ଠିଆ କରାଇବାରେ ଆନ୍ତରିକ ଉଦ୍ୟମ ତଥା ଜାତୀୟ ସମସ୍ୟା ସମାଧାନରେ ବଳିଷ୍ଠ ପଦକ୍ଷେପ ଯୋଗୁ ଆମ ଦେଶ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ଭାବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଗଉଥିବାରୁ ତାଙ୍କୁ ୩ୟ ଥର ପ୍ରଧାନମନ୍ତ୍ରୀ କରିବା ଓ ଦଳର ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ଭାବେ ଗୀତାଞ୍ଜଳୀ ସେଠୀଙ୍କୁ ପଦ୍ମଫୁଲରେ ଭୋଟ୍ ଦେଇ ନିର୍ବାଚିତ କରେଇବା ପାଇଁ ନିବେଦନ କରୁଛନ୍ତି ।

# ମା' ସାରଳାଙ୍କ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବାଣୀ କ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସାରଳା ଠାକୁରାଣୀଙ୍କ ଚନ୍ଦନଯାତ୍ରା ଉପଲକ୍ଷେ, ମନ୍ଦିର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ, ଜିଲ୍ଲାପାଳ ଅନୁପମ ସାହାଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମେ ମାସ ୧୦ ତାରିଖ, ପବିତ୍ର ଅକ୍ଷୟ ତୃତୀୟା ଠାରୁ ଦୀର୍ଘ ୨୧ ଦିନ ବ୍ୟାପି ଏହି ଆକର୍ଷଣୀୟ, ମନୋରମ ଚନ୍ଦନ ଯାତ୍ରାର ସମସ୍ତ ନୀତିକାନ୍ତି, ପଟୁଆର ଓ ଚପଖେଳ ଆଦି ଯଥା ବିଧିବିଧାନରେ କରାଯିବାକୁ, ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ, ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର, ସାରଳା ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜା, ତିର୍ତ୍ତୋଲ ଥାନା ଆଇଆଇସି ଅଭିମନ୍ୟୁ ନାୟକ, ତିର୍ତ୍ତୋଲ ବ୍ଲକ ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ମନ୍ଦିର ପ୍ରାଶାସନିକ ଅଧିକାରୀ ବରଦା ପ୍ରସାଦ ମହାନ୍ତିଙ୍କ ସମେତ ମାଆଙ୍କ ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା, ପରିଛା ପଣ୍ଡିତ ସୁଦାମ ଚରଣ ପଣ୍ଡା ଓ ବରିଷ୍ଠ ସେବାୟତ ମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ବିଗତ ଚନ୍ଦନ ଯାତ୍ରାରେ ବାଣ ଫୁଟା ବିସ୍ଫୋରଣ ଯୋଗୁଁ ଅଘଟଣ ଘଟିଥିବାରୁ, ଚଳିତ ବର୍ଷ ଚନ୍ଦନଯାତ୍ରାରେ ଆଦୌ ବାଣ ଫୁଟାଯିବନାହିଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଏଥର ଚନ୍ଦନ ଯାତ୍ରା ପାଇଁ ଜିଲ୍ଲା କୈବର୍ତ୍ତ ମହାସଂଘ ପକ୍ଷରୁ ଏକ ନୂତନ ଡ଼ଙ୍ଗା ସମର୍ପଣ କରାଯିବ । ଆସନ୍ତା ମେ ୩୦ ତାରିଖରେ ଲଟାଭଉଁରୀ ଚପଖେଳ ଓ ୩୧ ତାରିଖରେ ହଳଦୀ ଖେଳ କରାଯାଇ ଚନ୍ଦନ ଯାତ୍ରା ଉଦ୍‌ଯାପିତ ହେବ ବୋଲି ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପରିଜା ସୂଚନା ପ୍ରଦାନ କରିଛନ୍ତି ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୫।୨୦୨୪, ବୈଶାଖ ଦି୨୧ନ,ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୧୬।୪୬ ଚନ୍ଦ୍ରୋଦୟ- ରାଘ ୨।୫୯।୦୩**

ଏକାଦଶୀ- ରାଘ୮।୪୦ ପର୍ଯ୍ୟନ୍ତ । ପୂର୍ବଭାଦ୍ର ନକ୍ଷତ୍ର- ରାଘ ୧୦।୦୭ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର- ଦିଘ ୪।୩୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ଦିଘ ୪।୩୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୪।୩୭ ପରେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୮।୪୦ ପରେ ପୋଇ ଖାଇବା ମାନ । **ଆଜିର ଶୁଭବେଳା-** ଦିଘ ୧୦।୦୮ ଗତେ ଘ ୧।୦୧ ମଧ୍ୟେ । ରାଘ ୮।୨୨ ଗତେ ଘ ୧୦।୩୬ ମଧ୍ୟେ । ପର୍ବୋତ୍ସବ - ବରୁଥିନୀ ଏକାଦଶୀ, ଶରଣ ପଞ୍ଚକ ଶେଷ ।



**ମେଷ:** ଶତ୍ରୁ ପରାସ୍ତ କରିବେ । ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା । ଯାନବାହାନ କ୍ରୟ କରିବେ । କାର୍ଯ୍ୟ ହାସଲ କରିପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ ।



**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ । ବିଭିନ୍ନ ସ୍ତରରୁ ସମ୍ମାନିତ ହେବେ । ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ବନ୍ଧୁ ଦର୍ଶନ ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ସୁସମ୍ବାଦ ପାଇବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଶୁଭ । ମାଲିମୋକଦ୍ଦମାରେ ବିଜୟୀ ହେବାର ସୂଚନା ।



**କର୍କଟ:** କୁକର୍ମରେ ଦୃଢ଼ ପଦକ୍ଷେପ ନେବେ । ପ୍ରତିଯୋଗିତାରେ ସଫଳତା ମିଳିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ରୋଜଗାର ମଧ୍ୟମ ଧରଣର ହେବ ।



**ସିଂହ:** ମନସ୍କାମନା ପୂର୍ଣ୍ଣ ହେବ । ଧର୍ମ ମାର୍ଗରେ ଚାଲିବେ । ଧନ ଲାଭର ସୁଯୋଗ । ନୂତନ କର୍ମାରମ୍ଭ ପାଇଁ ଦିନଟି ଉତ୍ତମ । ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ । ପାରିବାରିକ ସହଯୋଗ ଲାଭ ହେବ ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ମିଳିବ । ଶୁଭ କାର୍ଯ୍ୟ ପାଇଁ ଦୂରକୁ ଯାତ୍ରା କରିବେ । ସୁନାମ ଅର୍ଜନ କରିବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ ।



**ତୁଳା:** ଶତ୍ରୁ ପରାଜିତ ହୋଇ ଶରଣାଗତ ହେବେ । ମାନସିକ ଅଶାନ୍ତି ଦୂର ହେବ । ଶୁଭ ଖବର ପାଇବେ । ବ୍ୟସ୍ତତା ମଧ୍ୟରେ ଦିନଟି କଟିବ । କର୍ମକ୍ଷେତ୍ରରେ ସିଦ୍ଧି ଲାଭ କରିବେ । ଆୟର ପରିମାଣ ବଢ଼ିବ ।



**ବିଛା:** ଶାରୀରିକ ସୁସ୍ଥତା ଅନୁଭବ କରିବେ । ବନ୍ଧୁ ମିଳନର ସମ୍ଭାବନା । ଅଧିକ ପରିଶ୍ରମ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଠକାମିର ଶିକାର ହୋଇପାରନ୍ତି । ରୋଜଗାର ଭଲ ହେବ ।



**ଧନୁ:** ଗୁରୁଦାୟିତ୍ୱ ବହନ କରି କାର୍ଯ୍ୟ କରିବେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଗୁରୁଙ୍କ କୃପା ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ଗୃହେ ଆନନ୍ଦ ଓ ଶାନ୍ତି ଲାଭ କରିବେ ।



**ମକର:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଉତ୍ତମ ଅଟେ । ମନ ଚଞ୍ଚଳ ହେବ । ଶତ୍ରୁ ନାଶ ହେବେ । ପରିବାରରେ ଶାନ୍ତି ମିଳିବ । ଦେବ ଦର୍ଶନର ସୁଯୋଗ ମିଳିପାରେ ।



**କୁମ୍ଭ:** ସଦାଚାରୀ ହେବେ । ସୁସମ୍ବାଦ ପ୍ରାପ୍ତ କରିବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ସର୍ବଗୁଣ ସମ୍ପନ୍ନ ହେବେ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ମୀନ:** ଉତ୍ତମ ଆୟ ପ୍ରାପ୍ତ ହେବ । ବନ୍ଧୁ ଦର୍ଶନ ସହିତ ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦେହ ଓ ମନ ସୁସ୍ଥ ରହିବ । କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତ ହେବ ।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ଅଳ୍ପକେ ବର୍ତ୍ତିଲେ ସ୍ୱାମୀ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଝଉଳିଆଗଞ୍ଜ ଦୁର୍ଗା ମଣ୍ଡପ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ସ୍କୁଟିରେ ଯାଉଥିବାବେଳେ ଦମ୍ପତିଙ୍କୁ ଧକ୍କା ଦେଇଛି ଟ୍ରକ୍ । ଫଳରେ ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଦମ୍ପତି ଗତିରାଉତପାଟଣାର ବୋଲି ଜଣାପଡିଛି । ଗୁରୁବାର ସକାଳୁ ସ୍ୱାମୀ ଏବଂ ସ୍ତ୍ରୀ ସ୍କୁଟି ଯୋଗେ କଟକ ଆସୁଥିବାବେଳେ ଦୁର୍ଗା ମଣ୍ଡପ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ପଛରେ ବସିଥିବା ମହିଳା ଜଣଙ୍କର ମୃତ୍ୟୁ ଘଟିଥିଲା । ହେଲେ ତାଙ୍କ ସ୍ୱାମୀ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ । ଖବର ପାଇ ଝଉଳିଆଗଞ୍ଜ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୫।୫।୨୦୨୪, ବୈଶାଖ ଦି୨୨ନ,ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୧୬।୧୪ ଚନ୍ଦ୍ରୋଦୟ- ରାଘ ୩।୩୮।୦୮**

ଦ୍ୱାଦଶୀ- ସଂଘ୫।୪୨ ପର୍ଯ୍ୟନ୍ତ । ଉତ୍ତରଭାଦ୍ର ନକ୍ଷତ୍ର- ରାଘ ୭।୫୮ ପର୍ଯ୍ୟନ୍ତ । ମୀନ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ସଂଘ ୫।୪୨ ପରେ ବାଇଗଣ ଖାଇବା ମାନ । **ଆଜିର ଶୁଭବେଳା-** ପ୍ରାଘ ୫।୧୯ ଗତେ ଦିଘ ୯।୩୫ ମଧ୍ୟେ । ଦିଘ ୧।୨୦ ଗତେ ଘ ୧।୫୨ ମଧ୍ୟେ ।

ସମ୍ବାଦ କଳିକା
ସମ୍ପାଦକୀୟ

## ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍‌ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଥ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

## ଏଣୁ ତେଣୁ

# କାବ୍ୟ କୌଣ୍ଡିନ୍ୟ-୪୩



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ପିତାମହଙ୍କ ବିଦାୟୀ ଉପଦେଶ

କଳିଙ୍ଗ ବୀର କୌଣ୍ଡିନ୍ୟ ଓ ଜଳଦସ୍ୟୁ ମୁଖ୍ୟା ନାଗ କୁମାରୀ ନେଆଙ୍ଗ୍ ନିକ୍ (ସୋମା)ଙ୍କ ବିବାହ ପାତାଳପୁରରେ ସଂପାଦିତ ହେଲା ପରେ ବିଦାୟ ମୁହୂର୍ତ୍ତ ଆସିଲା। ଏ ସମୟରେ ସୋମାଙ୍କ ପିତାମହ ତଥା ପାତାଳ ପୁରର ନରେଶ, ଯାହା ସବୁ ଉପଦେଶ ଆଦି ବ୍ୟକ୍ତ କଲେ ତାହା ଚଳିତ ଗୀତର ବିଷୟ ବସ୍ତୁ।

ପୂର୍ବରୀତି ଅନୁସାରେ ଏହାର ପ୍ରତ୍ୟେକ ପଦରେ ପ୍ରତ୍ୟେକ ୬ଟି ଅଂକ୍ଷର ପ୍ରାରମ୍ଭ 'କ' ଅକ୍ଷରରେ କରାଯାଇଛି।

କଠିନ କାର୍ଯ୍ୟ ଯେ କଷ୍ଟକର ଅତି
କାର୍ଯ୍ୟ ଶେଷେ କିନ୍ତୁ ଶୂନ୍ୟତା
କଲେ କାର୍ଯ୍ୟ କଷ୍ଟ କାର୍ଯ୍ୟବିନା ଦୁଃଖ
କିପରି ବିହିଛି ଦେବତା ।।୧।।

କନ୍ୟାକୁ ସେପରି କେହି ରଖେ ନାହିଁ
କଦାପି ଗୃହେ ବହୁ ବର୍ଷ
କଷ୍ଟ ବହୁ ସହି କନ୍ୟା ବିଭା ଅନ୍ତେ
କଷଣର ହୁଏ ବିନାଶ ।।୨।।

କିନ୍ତୁ ଦିଏ ବ୍ୟଥା କନ୍ୟାର ବିଦାୟ
କରିବା ସେହେତୁ କଅଣ
କର ବା ନ କର କଷ୍ଟ ହିଁ ତ ସାର
କର୍ତ୍ତବ୍ୟେ ତେଣୁ ଦିଅ ମନ ।।୩।।

କର୍ତ୍ତବ୍ୟ ତଦ୍ରୂପ କରିଣ ପାଳନ
କନ୍ୟା ପିତାମହ ସ୍ୱଜନ
କୌଣ୍ଡିନ୍ୟଙ୍କ ସହ କମ୍ବୁଜ ଦେଶକୁ
କଷ୍ଟ ତ୍ୟାଗି କଲେ ପ୍ରେରଣ ।।୪।।

କହନ୍ତି ନୃପତି କଳିଙ୍ଗ ବୀରହେ
କନ୍ୟା ଆମ୍ଭର ଯେ ଅଜ୍ଞାନୀ
କରିଦେବ କ୍ଷମା କିଛି ତ୍ରୁଟି କଲେ
କହି ସ୍ନେହେ ମଧୁରବାଣୀ ।।୫।।

କ୍ଲେଶ ଦେବ ନାହିଁ କଦାପି ତା' ମନେ
କଥା ତା' ସଦା ବୁଝୁଥିବ
କର୍ତ୍ତବ୍ୟରେ କେବେ କଲେ ଅବହେଳା
କଠୋର ଧୀରେ ଚେତାଇବ ।।୬।।

କନିଷ୍ଠା ସେ ତୁମ୍ଭ କର୍ମେ ଦକ୍ଷ ନୁହେଁ
କରି ତା'ର ତତ୍ତ୍ୱାବଧାନ
କରଣୀୟ ମାର୍ଗ କୋମଳେ ବୁଝାଇ
କରିବ ତାହାକୁ ନିପୁଣ ।।୭।।

କିଞ୍ଚିତ୍ ସମସ୍ୟା କେବେ ହେଁ ଆସିଲେ
କହିଦେବ ମୋତେ ସତ୍ୱର
କଣ୍ଟକିତ ପଥ କୋମଳ କରିବି
କରି ଉଚିତ ପ୍ରତିକାର ।।୮।।

କନ୍ୟା ପିତାମାତା କିଛି ସୈନ୍ୟ ଆଦି
କଂବୁଜ ତୁମ୍ଭ ସହ ଯିବେ
କିଛିଦିନ ରହି କାର୍ଯ୍ୟ ଆବଶ୍ୟକ
କୁଶଳେ ପୂରଣ କରିବେ।।୯।।

କର ନାହିଁ ଚିନ୍ତା କରିବେ ସେମାନେ
କଟକ ସେଠାରେ ନିର୍ମାଣ
କର୍ମେ ଅଗ୍ରଗତି କରି ଚାଲ ଦୁହେଁ
କରାୟତ ଲକ୍ଷ୍ୟ କରିଣ ।।୧୦।।

କହୁଛି ରେ ପୌତ୍ରୀ କେବେ ଭୁଲିବୁନି
କନ୍ୟା ତୁ ଏ ଉଚ୍ଚ ବଂଶର
କରିବୁନି କାର୍ଯ୍ୟ କଦାପି ଯେପରି
କୀର୍ତ୍ତି ନାଶ ହେବ ଆମ୍ଭର ।।୧୧।।

କାର୍ଯ୍ୟେ ପତିସେବା କ୍ଲାନ୍ତ ହେବୁ ନାହିଁ
କର୍ତ୍ତବ୍ୟ କରିବୁ ପାଳନ
କୃତକାର୍ଯ୍ୟ ହେବୁ କଥା ମୋ ମାନିଲେ
କରିବେ ସେ ତୋର ସମ୍ମାନ ।।୧୨।।

କାର୍ଯ୍ୟବ୍ୟସ୍ତ କାଳେ କ୍ରୋଧିତ ସେ ହେଲେ
କରିବୁ ତାଙ୍କୁ ତୁ ପ୍ରସନ୍ନ
କୋକିଳ ସମାନ କୋମଳ ବଚନ
କହି ତୋଷିବୁ ତାଙ୍କ ମନ ।।୧୩।।

କଳହୀ ବଧୂ ଯେ କରେ ସର୍ବନାଶ
କୁଳ ପାଇଁ ସେ ତ କଣ୍ଟକ
କଦା ପତି ସହ କରିବୁନି କଳି
କଥା ମୋ ଏ ତୁ ମନେରଖ ।।୧୪।।

କହିଲି ଦ୍ୱୟଙ୍କୁ କଥା ଆଶୀର୍ବାଦେ
କଦାପି ଏହା ନ ଭୁଲିବ
କଲେ ଏତାଦୃଶ କଠୋର ଜୀବନ
କୁସୁମିତ ସହଜେ ହେବ ।।୧୫।।

କୌଣ୍ଡିନ୍ୟ ନେଆଙ୍ଗ୍ କର୍ଣ୍ଣପାତ କରି
କୁଳବୃଦ୍ଧଙ୍କ ହିତଜ୍ଞାନ
କରି ନତଶିର କରନ୍ତି ସ୍ୱୀକାର
କ ରେ ରଚେ ଦୁର୍ଗାଚରଣ ।।୧୬।।



**ଶବ୍ଦାର୍ଥ :**

**ପଦ (୧) (୨) ଓ (୪) :** ବିହିଛି- ଠିକ୍ କରିଛି। କଷଣ-କଷ୍ଟ। ତଦ୍ରୂପ-ସେହିପରି।
**ପଦ (୧୬) :** ନେଆଙ୍ଗ୍-ସୋମା, କୌଣ୍ଡିନ୍ୟଙ୍କ ସ୍ତ୍ରୀ। କୁଳବୃଦ୍ଧ-ବଂଶର ବୟସ୍କ ବ୍ୟକ୍ତି, ଏଠାରେ ସୋମାଙ୍କ ପିତାମହ।

# ଖରାଦିନ ପାନୀୟ



**ପ୍ରେମାନନ୍ଦ ପାଣିଗ୍ରାହୀ**
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଦିନକୁ ଦିନ ବଢୁଛି ତାତି । ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ତତଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏଭଳି ସ୍ଥିତିରେ ଲୋକମାନେ ସାମାନ୍ୟ ଥଣ୍ଡାର ସ୍ପର୍ଶରେ ବିମୋହିତ ହୋଇଉଠୁଛନ୍ତି। ଏଭଳି ସ୍ଥିତିରେ ଦେଶୀ ଓ ବିଦେଶୀ ଥଣ୍ଡାପାନୀୟ ବ୍ୟବସାୟୀମାନେ ଭେଳିକିଭେଳି ପସରା ରାସ୍ତାକଡ଼ରେ ମେଲିଦେଇଛନ୍ତି । ଥଣ୍ଡା ପାନୀୟ ଭାବରେ ଲସି, ଆଖୁରସ, ଘୋଳଦହି, ଚହ୍ଲା, ସରବତ, ପଇଡପାଣି, ଜୁସ, ସୋଡା ଓ ଅନ୍ୟାନ୍ୟ ଥଣ୍ଡା ପାନୀୟର ଆଦର କାହିଁରେ କେତେ । ପ୍ରତିଟି ପାନୀୟରେ ଥାଏ ଭିନ୍ନ ଏକ ସ୍ୱାଦ ଓ ଭିନ୍ନ ଏକ ମହକ । ଖରାରେ ଶୋଷ ମେଣ୍ଟାଇବା ପାଇଁ ରାସ୍ତା କଡ଼ରେ ଥିବା ଏହି ଖରାଦିନିଆ ପାନୀୟ ଦୋକାନ ସାମ୍ନାରେ ଗ୍ରାହକ ଧାଡି ବାନ୍ଧୁଛନ୍ତି । ଉଦୁଉଦିଆ ଖରା ସମୟରେ ହେଉ କି ସନ୍ଧ୍ୟା ସମୟରେ ହେଉ ଦହି, ନଡ଼ିଆ, କାଜୁ ଓ ରାବିଡ଼ିର ମିଶ୍ରଣରେ ପ୍ରସ୍ତୁତ ଲସିର ମଜା ଖରାଦିନେ ସବୁବେଳେ ବି ନେଇହେବ । ତେବେ ପ୍ରଚଣ୍ଡ ତାତିରୁ ରକ୍ଷା ପାଇବା ପାଇଁ ବିଶେଷ କରି ଯୁବପିଢ଼ି ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଖରାତାପରୁ ମୁକ୍ତି ଦେବା ସହିତ ମନ ଖୁସି କରିଦିଏ ଲସି । କେବଳ ଓଡ଼ିଶା ନୁହେଁ ପ୍ରାୟ ହଜାରେ ବର୍ଷ ପୂର୍ବରୁ ଲସି ସାରା ଦେଶରେ ଏକ ପ୍ରମୁଖ ପାରମ୍ପରିକ ପାନୀୟର ମାନ୍ୟତା ପାଇଛି । ଉତ୍ତର ଭାରତ ତଥା ପଞ୍ଜାବରେ ଏହି ଲସି ଅତିସାଧାରଣ । ଦହି ସାଥିରେ ପାଣି ଓ ସ୍ୱାଦ ଅନୁଯାୟୀ ଲୁଣ ବା ଚିନି ମିଶାଇ ସେମାନେ ମଧ୍ୟାହ୍ନ ଭୋଜନ ପରେ ଏହାକୁ ପିଇଥାନ୍ତି। ବିନା ଲସିରେ ଖାଦ୍ୟ ଖାଇବା ଅସମ୍ପୂର୍ଣ୍ଣ ବୋଲି ସେମାନେ ବିବେଚନା କରନ୍ତି । ପଞ୍ଜାବୀ ମାନଙ୍କର ଏହା ଏକ ପାରମ୍ପରିକ ପାନୀୟ ହୋଇଥିବାରୁ ସେମାନଙ୍କ ସହାୟତାରେ ଲସି ୧୯୫୦ ବେଳକୁ ଓଡ଼ିଶା ବଜାରରେ ପ୍ରବେଶ କରିଥିଲା । ପ୍ରଥମେ ଲସି ବେପାର କଟକରୁ ଆରମ୍ଭ ହୋଇ ୧୯୬୫ ବେଳକୁ ସାରା ଓଡ଼ିଶାକୁ ବ୍ୟାପିଯାଇଥିଲା । ସେତେବେଳେ କଟକର କଲିକତା ଲସି ଓ ଭୁବନେଶ୍ୱରର ଲିଙ୍ଗରାଜ ଲସିର ଚାହିଦା ଅନେକ ଥିଲା । ଏବେବି ଓଡ଼ିଶା ବଜାରରେ ବାହାର ରାଜ୍ୟର ଲସି ବ୍ୟବସାୟୀମାନଙ୍କର ପ୍ରବେଶ ରହିଛି । ସେମାନଙ୍କର ଲସି ପ୍ରସ୍ତୁତି ପ୍ରଣାଳୀ ଓଡିଶାର ବ୍ୟବସାୟୀଙ୍କ ଠାରୁ ଭିନ୍ନ ହୋଇଥିବାରୁ ଏସବୁ ଷ୍ଟଲ୍‌ରେ ଗରାଖଙ୍କ ବେଶ୍ ଭିଡ ଜମେ । ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଲସି ବେପାରୀମାନେ ଏହାର ଦାମ ନିର୍ଦ୍ଧାରଣ କରିଥାନ୍ତି । ଦହି ଲସି ଗ୍ଲାସ୍ ୩୦ରୁ ଆରମ୍ଭ କରି ୪୦ ଟଙ୍କା ଓ ରାବିଡି ଲସି ୫୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ । ଦହି ଲସି ହେଉକି ରାବିଡି ଲସି ଦହି, ରାବିଡି, ଚିନିସିରା, ବରଫ, କାଜୁ କିସିମିସ୍, ଚେରି, ନଡ଼ିଆ କୋରା, ପେସ୍ତା, ବର୍ଣ୍ଣଭିଟା, ଏସେନସ୍ ପ୍ରଭୃତିର ମିଶ୍ରଣରେ ପ୍ରସ୍ତୁତ ହୁଏ ଲସି। ମଧୁମେହ ରୋଗୀଙ୍କ ପାଇଁ ସୁଗାର ଫ୍ରି ଲସି ମଧ୍ୟ ପ୍ରସ୍ତୁତ ହେଲାଣି । ଖରାଦିନେ ଲସି ପିଇଲେ ଖାଦ୍ୟ ଶିଘ୍ର ହଜମ ହୋଇଥାଏ । ଖରାଦିନେ ଦେଶୀ ପାନୀୟର ଚାହିଦା ବେଶି । ବର୍ଷକାଳି ବାରମାସ ମିଳୁଥିବା ଆଖୁରସ ଖରାଦିନେ ପିଇବାର ମଜା ଅଲଗା । ଅନ୍ୟ ପାନୀୟ ଅପେକ୍ଷା ଆଖୁରସର ଦାମ୍ କମ୍ ରହୁଥିବାରୁ ସବୁ ବର୍ଗର ଲୋକଙ୍କ ପାଇଁ ଏହା ଆଦୃତ ହୋଇଥାଏ । ବଜାରରେ ସାଧା ଆଖୁରସର ଦାମ୍ ୧୦ ଟଙ୍କା ରହିଥିବା ବେଳେ ସ୍ପେଶାଲ ଆଖୁରସର ଦାମ୍ ୧୫ ଟଙ୍କା ରହିଥାଏ । ଆଖୁରସ ଖରାଦିନେ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ। ଆଖୁରସରେ ବରଫ, ଅଦାରସ, ଲେମ୍ବୁ ରସ, ପୋଦିନା ମିଶ୍ରଣ କଲେ ଏହା ଆହୁରି ସ୍ୱାଦଯୁକ୍ତ ହୋଇଥାଏ। ପାଟିକୁ ସୁଆଦ ଆଖୁରସ କେବଳ ପ୍ରବଳ ଗରମରୁ ରକ୍ଷା କରେ ନାହିଁ, ଏକାଧିକ ରୋଗରୁ ବି ସୁରକ୍ଷିତ ରଖିଥାଏ । ଏହା ଶରୀରକୁ ଶକ୍ତିଦେବା ସହିତ ପ୍ରବଳ ଗରମରୁ ସୁରକ୍ଷା ଦିଏ । ଶରୀରକୁ ଅକ୍ସିଡାଣ୍ଟ□ ଯୋଗାଇବା ସହ ପୋଷକ ତତ୍ତ୍ୱ ଓ ଶରୀର ଭିତରକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ ।

ଫଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ଫଳ ହେଉଛି ପଇଡ଼ । ଏହାର ଜଳ ସୁସ୍ୱାଦୁ ଓ ଜୀର୍ଣ୍ଣକାରକ । ପଇଡ ଭିତରେ ଥିବା କୋମଳ ଶସ ବା ନାଳି ମଧ୍ୟ ଖାଇବାକୁ ରୁଚିକର । ଜଳରେ ଭରପୁର ଏହି ପଇଡ଼ ପାଣି ପିଇବାକୁ ଗ୍ରାହକମାନେ ବେଶ ପସନ୍ଦ କରିଥାନ୍ତି । ଯେକୌଣସି କୃତ୍ରିମ ପାନୀୟ ଠାରୁ ପଇଡ଼ ପାଣି ଅଧିକ ଉପଯୋଗୀ। ପାଣି ବା ଜଳୀୟଅଂଶ ଯୁକ୍ତ ଖାଦ୍ୟ ମଧ୍ୟରେ ପଇଡ ଅନ୍ୟତମ । ଏହି ପଇଡର ଜଳ ହେଉଛି ଏକ ସର୍ବୋତ୍ତମ ପ୍ରାକୃତିକ ପାନୀୟ । ଏହା ଆମ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସହିତ ବିଭିନ୍ନ ରୋଗରୁ ରକ୍ଷା କରିଥାଏ । ଡାକ୍ତରଙ୍କ ଠାରୁ ଆରମ୍ଭ କରି ବଇଦ ପର୍ଯ୍ୟନ୍ତ ସମସ୍ତେ ପଇଡ଼ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି । ପଇଡ଼ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବିଶେଷ କରି ଜଣ୍ଡିସ ପରି ମାରାତ୍ମକ ରୋଗର ପ୍ରାଥମିକ ସ୍ତରରେ ପଇଡ଼ ପାଣି ପିଇବା ଦ୍ୱାରା ଏହା ଭଲହୋଇଥାଏ। ଖରାଦିନେ ଦିନକୁ ଦୁଇରୁ ତିନି ଥର ପଇଡ଼ ପାଣି ପିଇବା ଉଚିତ୍ । ଖରାଦିନେ ପଇଡ଼ର ଦାମ ୧୫ରୁ ୨୫ ଟଙ୍କା ରହିଥାଏ ।

ଆମ ବାଡ଼ି ବଗିଚାରେ କଦଳୀ ପରେ ବାରମାସରେ ମିଳୁଥିବା ଫଳ ଭିତରେ ଲେମ୍ବୁ ହେଉଛି ଅନ୍ୟତମ। ଲେମ୍ବୁର ବ୍ୟବହାର ଆମ ସମାଜରେ ଏତେ ବେଶି ଯେ ଏହାକୁ ପରିବା ସାଙ୍ଗରେ ପ୍ରତିଦିନ କିଣାଯାଏ । କଦଳୀ ପରି ଲେମ୍ବୁ ଧନୀ ଓ ଗରିବ ସମସ୍ତଙ୍କ ପାଖରେ ଆଦରର ଫଳ । ଲେମ୍ବୁକୁ ଭଲ ପାଉନଥିବା ଲୋକ ବୋଧହୁଏ ଏ ସଂସାରରେ କମ୍ ଥିବେ । ଲେମ୍ବୁରେ ଥିବା ଔଷଧୀୟ ଗୁଣ ଆମକୁ ବହୁ ରୋଗବ୍ୟାଧିରୁ ମୁକ୍ତି ଦେଇଥାଏ । ଖରାଦିନେ ଲେମ୍ବୁପାଣି ଶରୀରର ତାପମାତ୍ରାକୁ କମ୍ କରିବା ସହିତ ଖରାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ପାଣିରେ ଲେମ୍ବୁ, ଚିନି, ଲୁଣ ମିଶାଇ ସର୍ବତ କରି ପିଇଲେ ଏହା କେବଳ ପାଣିର ସ୍ୱାଦକୁ ବଢ଼ାଇଥାଏ ତାହା ନୁହେଁ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଶରୀରରେ ଥିବା ହାନିକାରକ ପଦାର୍ଥ ବାହାରି ଯାଇ ପୁରା ଶରୀରକୁ ଫୁର୍ତ୍ତି ମିଳିଥାଏ ।

ଖରାଦିନେ ବହୁଲୋକଙ୍କ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଦେଇଥାଏ । ଏହି ଜଳୀୟଅଂଶର ଅଭାବକୁ ଦୂର କରିବା ପାଇଁ ଘୋଳ ଦହି ହେଉଛି ସବୁଠାରୁ ଉତ୍କୃଷ୍ଟ ପାନୀୟ । ଏହା ପେଟକୁ ଥଣ୍ଡା ରଖିଥାଏ । ଗରମ ଦିନେ ଏହାକୁ ଦେଶର ବିଭିନ୍ନ ଅଞ୍ଚଳର ଲୋକମାନେ ପାନୀୟ ରୂପେ ବ୍ୟବହାର କରିଥାନ୍ତି । ଘୋଳ ଦହିରେ ଅଦା, ଗୋଲମରିଚ, ସୈନ୍ଧବ ଲବଣ, ପୋଦିନା ରସ ମିଶିଥିବାରୁ ସମସ୍ତ ଖାଦ୍ୟ ସହଜରେ ହଜମ ହୋଇଥାଏ । ଘୋଳ ଦହିରେ ସୁସ୍ଥ ବ୍ୟାକ୍ଟେରିଆ ଓ କାର୍ବୋହାଇଡ୍ରେଟ ଥାଏ ଫଳରେ ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ଆସିଥାଏ ।

# 'କିପିଙ୍ଗ ହ୍ୟୁମାନିଟି ଏଲିଭ' ବିଶ୍ୱ ରେଡ଼କ୍ରସ ଦିବସର ପ୍ରସଙ୍ଗ

**ଏ. ଆର. ଖାନ**
ଯୁଗ୍ମ ସମ୍ପାଦକ, ଭାରତୀୟ
ରେଡ କ୍ରସ ସଂସ୍ଥା,
କେନ୍ଦୁଝର ଜିଲ୍ଲା ଶାଖା,
ମୋ-୭୯୭୮୪୦୭୩୬

୧୮୫୯ ସଲଫର୍ଣ୍ଣୋର ଏକ ଭୟାବହ ଯୁଦ୍ଧ ବିଭୀଷିକା ଆହତ ମୁମୂର୍ଷଙ୍କ ଚିତ୍କାରରୁ ଜନ୍ମ ନିଏ ରେଡ଼କ୍ରସ, ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଜିଙ୍ଗ ଜ୍ୟାକ୍ସ ଡୁନାଣ୍ଟ ଓ ଆଣ୍ଟୋନେଟ ଡୁନାଣ୍ଟ କୋଲାଡନଙ୍କ କୋଳ ମଣ୍ଡନ କରି ୮ ମଇ ୧୮୨୮ ରେ ଧରାବତରଣ କରିଥିବା ଜ୍ୟେଷ୍ଠ ପୁତ୍ର ତଥା ବ୍ୟବସାୟୀ ଜିଙ୍ଗ ହେନେରି ଡୁନାଣ୍ଟ ବ୍ୟବସାୟକୁ ଯିବା ରାସ୍ତାରେ ଦେଖନ୍ତି ବିଭୀଷିକା, ବିଚଳିତ ମନ ମସ୍ତିଷ୍କ ହୃଦୟରୁ ଜନ୍ମ ନିଏ ସହାୟତା କରିବାର ଦୁର୍ବାର ଆକାଂକ୍ଷା, ବ୍ୟବସାୟିକ ଯାତ୍ରାକୁ ସ୍ଥଗିତ ରଖି ସ୍ଥାନୀୟ ଲୋକଙ୍କୁ ନେଇ ଆରମ୍ଭ କରନ୍ତି ସହାୟତା ପାଣି, ଔଷଧ, ପ୍ରାଥମିକ ଚିକିତ୍ସା ଆହୁରି କେତେ କଣ। ଅନେକ ଭେଦଭାବ ବିରୋଧର ସମ୍ମୁଖୀନ ହେଲେ ମଧ ସମସ୍ତଙ୍କୁ ମନାଇବାରେ ସଫଳ ହୋଇ ପୀଡ଼ିତ ଆହତଙ୍କୁ ଯୋଗାଇଦିଆନ୍ତି ବ୍ୟାପକ ସହାୟତା, ବିନା କୌଣସି ଆଶା ରଖି। ଏହି ଅଭିଜ୍ଞତାକୁ ଭିତ୍ତିକରି ଏକ ପୁସ୍ତକ ମଧ ରଚନା କରନ୍ତି 'ମେମୋରି ଅଫ୍ ସଲଫଣ୍ଣୋ' ନାମରେ। ଜେନେଭା ସମ୍ମିଳନୀ ୧୮୬୪ରେ ଜନ୍ମ ନିଏ ମାନବୀୟ ସହାୟତାର ଏକ ନିଛକ ଅନୁଷ୍ଠାନ ରେଡକ୍ରସ, ସେତେବେଳେ ଲକ୍ଷ୍ୟ ଥିଲା ଯୁଦ୍ଧ କ୍ଷେତ୍ରରେ ଆହତଙ୍କୁ ସେବା ଯୋଗାଇଦେବା, ଏକ ଧଳା ପ୍ରଚ୍ଛଦରେ ନାଲି ସମଆୟତାକାର କ୍ଷେତ୍ରର ମିଶ୍ରଣ ହେଇ କ୍ରସ ମନୋନୀତ ହେଲା 'ରେଡକ୍ରସ୍'ଭାବରେ, ହ୍ୟୁମାନିଟି, ନ୍ୟୁଟ୍ରାଲିଟି, ୟୁନିଟି, ଇଣ୍ଡିପେଣ୍ଡେଣ୍ଟ, ୟୁନିଭରସାଲିଟି, ଇମପାର୍ସିଆଲିଟି, ଭଲ୍ୟୁଣ୍ଟରିସର୍ଭିସ୍‌ର ସାତୋଟି ମୂଳମନ୍ତ୍ରକୁ ନେଇ ମାନବୀୟ ସହାୟତା କ୍ଷେତ୍ରରେ ଆଗକୁ ମାଡ଼ିଚାଲିଲା। ରେଡକ୍ରସ, ପାରିପର୍ଶ୍ୱିକ ପରିସ୍ଥିତି ଓ ପରିବେଶକୁ ନେଇ ଧଳା ପ୍ରଚ୍ଛଦରେ ନାଲି କ୍ରିସେଣ୍ଟ ଏବଂ ନାଲି କ୍ରିଷ୍ଟଲ୍ ଚିହ୍ନକୁ ମଧ ରେଡକ୍ରସ ଚିହ୍ନ ଭାବରେ ଗ୍ରହଣ କରାଯାଇ ସମସ୍ତଙ୍କୁ ଏକସୁତ୍ରରେ ବାନ୍ଧି ରଖିବାର ପ୍ରୟାସରେ ୧୮୬୪ରେ ସୃଷ୍ଟି କରାଗଲା ଆଇସିଆରସି(ଇଣ୍ଟର ନ୍ୟାସନାଲ କମିଟି ଅଫ ରେଡକ୍ରସ ଓ ରେଡ କ୍ରିସେଣ୍ଟ)ଓ ୧୯୧୯ରେ ସୃଷ୍ଟି କରାଗଲା ଆଇଏଫଆରସି (ଇଣ୍ଟର ନ୍ୟାସନାଲ ଫେଡରେସନ୍ ଅଫ ରେଡକ୍ରସ ରେଡକ୍ରିସେଣ୍ଟ) ବର୍ତ୍ତମାନ ପୃଥିବୀର ୧୯୧ରୁ ଊର୍ଦ୍ଧ୍ୱ ଦେଶରେ ୧୬ମିଲିୟନରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ କାର୍ଯ୍ୟରତ ରହିଛି ରେଡକ୍ରସ। ଆମ ଭାରତବର୍ଷ ରେ ୧୯୨୦ ରେ ଭାରତୀୟ ରେଡକ୍ରସ ସଂସ୍ଥା ସ୍ଥାପିତ ହେଲା। ପାର୍ଲିଆମେଣ୍ଟ ଆଇନ XV @ ୧୯୨୦ ଆମେଣ୍ଡମେଣ୍ଟ ହୋଇ ବର୍ତ୍ତମାନ ୧୨୦୦ରୁ ଊର୍ଦ୍ଧ୍ୱ ଜିଲ୍ଲା, ଉପଖଣ୍ଡ ଶାଖା ସମଗ୍ର ଭାରତବର୍ଷରେ କାର୍ଯ୍ୟରତ ଏହାର ଉତ୍ସର୍ଗୀକୃତ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରତିବଦ୍ଧତାର ସହିତ ସବୁସମୟରେ ମାନବୀୟ ସହାୟତା ପାଇଁ କାର୍ଯ୍ୟରତ। ଏହା ଏକ ଅଗ୍ରଣୀ ସଂସ୍ଥା ହୋଇପାରିଛି। ବହୁ ସ୍ୱେଚ୍ଛାସେବୀଙ୍କୁ ନେଇ ଇଣ୍ଟରନ୍ୟାସନାଲ ରେଡକ୍ରସ ରେଡକ୍ରିଶେଣ୍ଟ ଓ ଇଣ୍ଟରନ୍ୟାସନାଲ ଫେଡ଼ରେସନ୍ ଅଫ ରେଡକ୍ରସ ରେଡକ୍ରିଶେଣ୍ଟର, ୧୯୧୪ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭାରତରେ କୌଣସି ସଂସ୍ଥା ନଥିଲା ରିଲିଫ ସହାୟତା ଯୋଗାଇବା ପାଇଁ , କେବଳ ସେଣ୍ଟ ଜନ ଆମ୍ବୁଲାନ୍ସ ବ୍ରିଟିଶ ରେଡକ୍ରସ ସହିତ ମିଶି କିଛି କାର୍ଯ୍ୟ କରୁଥିଲା, ମାର୍ଚ୍ଚ ତିନି ତାରିଖ ୧୯୨୦ ରେ ସାର କ୍ଲାଉଡ୍ ହିଲଙ୍କ ଦ୍ୱାରା ଏକ ବିଲ ଆଗତ ହୋଇ ଏହା ବ୍ରିଟିଶ ରେଡକ୍ରସରୁ ଅଲଗା ହେଲା ୧୭ମାର୍ଚ୍ଚ ୧୯୨୦ରେ ବିଲ ଗୃହୀତ ହୋଇ ୨୯ମାର୍ଚ୍ଚ ୧୯୨୦ ରେ ଆମେଣ୍ଡମେଣ୍ଟ ରେ ପରିଗଣିତ ହେଲା , ଏକ ପଚାଶ ଜଣିଆ କମିଟି ମନୋନୀତ ହୋଇ ସାର ମାଲକମ୍ ହାଲିଙ୍କ ଚେୟାରମ୍ୟାନସିପରେ ଇଣ୍ଡିଆନ ରେଡକ୍ରସ ସୋସାଇଟି ଆଇଏଫଆରସି ସହିତ ଅନୁବନ୍ଧିତ ହୋଇ ସ୍ୱାଧୀନ ଭାବରେ କାର୍ଯ୍ୟ ଆରମ୍ଭ କରିଲା, ୧୮୬୪ରେ ରେଡକ୍ରସ ପ୍ରତୀକ ଯୁଦ୍ଧ କ୍ଷେତ୍ରରେ ଡାକ୍ତରୀ ସହାୟତା ପାଇଁ ବ୍ୟବହୃତ ହେଉଥିଲା, ୧୯୨୯ ଜେନିଭା ସମ୍ମିଳନୀରେ ରେଡକ୍ରସ ପ୍ରତୀକକୁ ଭାରତୀୟ ରେଡକ୍ରସ ସଂସ୍ଥା ଗ୍ରହଣ କରିଲା, ଏହାପରେ ରେଡକ୍ରସ ଏହାର ମାନବୀୟ ସହାୟତା କାର୍ଯ୍ୟ କେବଳ ଯୁଦ୍ଧ କ୍ଷେତ୍ରରେ ସୀମିତ ନ ରଖି ଅନ୍ୟଦିଗ ଗୁଡ଼ିକ ପ୍ରତି ଆନ୍ତର୍ଜାତୀୟ ମାନବିକ ଆଇନ ଅନୁଯାୟୀ ଦୃଷ୍ଟି ଦେଇ ସ୍ଥାନୀୟ ଆଇନକୁ ସମ୍ମାନ ଦେଇ ବିଭିନ୍ନ ବିପର୍ଯ୍ୟୟ ସମୟରେ ସହାୟତା, ଜେଲବନ୍ଦୀ ମାନଙ୍କୁ ମାନବୀୟ ସହାୟତା, ପରିବାର ସଂଯୋଗୀକରଣ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ଚିକିତ୍ସା ତାଲିମ୍ ଓ ସହାୟତା ସ୍ୱାସ୍ଥ୍ୟସେବା, ରକ୍ତଦାନ, ମନସ୍ତାତ୍ତ୍ୱିକ ସହାୟତା, ରିଲିଫ କାର୍ଯ୍ୟ, ଶାନ୍ତି ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରି ବିଶ୍ୱର ଏକମାତ୍ର ସଂସ୍ଥା ଭାବରେ ୧୯୧୭,୧୯୪୪,୧୯୬୩ ମସିହାରେ ନୋବେଲ ପୁରସ୍କାର ଜିତିବାର ଗୌରବ ହାସଲ କରିପାରିଛି ରେଡକ୍ରସ। ଭାରତୀୟ ରେଡକ୍ରସ ସଂସ୍ଥାର ଚେୟାରମ୍ୟାନ ମହାମହିମ ରାଷ୍ଟ୍ରପତି, ପ୍ରେସିଡେଣ୍ଟ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ, ଭାଇସ ଚେୟାରମ୍ୟାନ , ସେକ୍ରେଟାରୀ ଜେନେରାଲ, ୧୮ଜଣିଆ ମ୍ୟାନେଜିଙ୍ଗବଡି, ଜଏଣ୍ଟ ସେକ୍ରେଟାରୀ, ଟ୍ରେଜରରଙ୍କୁ ନେଇ ଗଠିତ ଟିମ୍, ଏପ୍ରିଲ ପହିଲା ୧୯୩୬ ରେ ଭାରତୀୟ ରେଡକ୍ରସ ସଂସ୍ଥା ଓଡ଼ିଶା ରାଜ୍ୟ ଶାଖା ଗଠିତ ହୋଇ ଓଡ଼ିଶାରେ ସେବା ସହାୟତା କାର୍ଯ୍ୟ ଆରମ୍ଭ କରିଥିଲା, ୩୦ଟି ଜିଲ୍ଲା ଶାଖା, ଗୋଟିଏ ଆଞ୍ଚଳିକ ଶାଖା, ଗୋଟିଏ ସିଟି ଶାଖା, ବ୍ଲକ ଶାଖା, ସହିତ ରାଜ୍ୟର ପ୍ରାୟ ସମସ୍ତ ବିଦ୍ୟାଳୟ ମାନଙ୍କରେ ଜୁନିଅର ରେଡକ୍ରସ, ମହାବିଦ୍ୟାଳୟ ମାନଙ୍କରେ ୟୁଥ୍ ରେଡକ୍ରସ ଶାଖା ମାଧ୍ୟମରେ ଶହଶହ ସ୍ୱେଚ୍ଛାସେବୀ ଗଠନ ତାଲିମ୍ ଓ ସହାୟତା କାର୍ଯ୍ୟ ଜାରିରହିଛି। ମାନ୍ୟବର ରାଜ୍ୟପାଳ ଓଡ଼ିଶା ପ୍ରେସିଡେଣ୍ଟ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଚେୟାରମ୍ୟାନ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଚେୟାରମ୍ୟାନ ଯୁବରେଡକ୍ରସ, ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଚେୟାରମ୍ୟାନ ଜୁନିଅର ରେଡକ୍ରସ, ରାଜ୍ୟ ସାଧାରଣ ସମ୍ପାଦକ,କାର୍ଯ୍ୟକାରୀ କମିଟି, ଜିଲ୍ଲା ଶାଖା, ଜିଲ୍ଲା କମିଟି, ସର୍କଲ କମିଟି, ଜିଲ୍ଲା ଶିକ୍ଷା କମିଟି, ମହାବିଦ୍ୟାଳୟ ୱାର୍କିଂ କମିଟି, ରାଜ୍ୟ ଶାଖା ଯୁବ ରେଡକ୍ରସ, ରାଜ୍ୟଶାଖା ଜୁନିଅର ରେଡକ୍ରସକୁ ନେଇ କାର୍ଯ୍ୟରତ। ବର୍ତ୍ତମାନ ଓଡ଼ିଶା ରାଜ୍ୟଶାଖା ବିଭିନ୍ନ ମାନବୀୟ ସହାୟତା କାର୍ଯ୍ୟ, ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା ସହାୟତା, ତାଲିମ ପ୍ରଦାନ, ରିଲିଫ ବଣ୍ଟନ ଆଦି କାର୍ଯ୍ୟକ୍ରମରେ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ନିର୍ବାହ କରି ବିଭିନ୍ନ କ୍ଷେତ୍ରରେ ଜାତୀୟସ୍ତରରେ ନିୟମିତ ଭାବେ ପ୍ରଶଂସିତ ପୁରସ୍କୃତ ହେଉଛି, ୧୯୫୧ ମସିହାରୁ କେନ୍ଦୁଝରରେ ରେଡକ୍ରସ ଶାଖା ଗଠିତ ହୋଇ କାର୍ଯ୍ୟରତ, ଜିଲ୍ଲାପାଳଙ୍କ ନେତୃତ୍ୱରେ ସହାୟତା କାର୍ଯ୍ୟ ଜାରି ରଖିଛି , ବିଭିନ୍ନ ସମୟରେ ହସ୍ପିଟାଲରେ ଔଷଧ ବ୍ୟାଙ୍କ୍ ସ୍ଥାପନ କରାଯାଇ ଗରୀବ ରୋଗୀଙ୍କୁ ମାଗଣା ରେ ଔଷଧ ପ୍ରଦାନ, ଜନୌଷଧୀ ମେଡିସିନ ବ୍ୟାଙ୍କ୍ ସ୍ଥାପନ ରକ୍ତଭଣ୍ଡାରର ଉନ୍ନତିକରଣ, ରକ୍ତଦାନ କାର୍ଯ୍ୟକ୍ରମର ବିସ୍ତାର, କରି ମାଇଲ ଖୁଣ୍ଟ ସ୍ଥାପନ କରିବା ସହ ଗରୀବ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା, ଏଚଆଇଭିଙ୍କୁ ସହାୟତା ଓ ଥଇଥାନ, କର୍ମଠ ଅସହାୟ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ ପାଇଁ ସହାୟତା ପ୍ରଦାନ, ଦୁର୍ଗମ ଅଞ୍ଚଳ ମାନଙ୍କରେ ଅସହାୟଙ୍କୁ ନିୟମିତ ଭାବେ ବିଭିନ୍ନ ସାମଗ୍ରୀ ପ୍ରଦାନ କରିବା ସହିତ ମହାମାରୀ କୋଭିଡ ସମୟରେ ଜିଲ୍ଲା ସଂସ୍ଥାର ମାନବୀୟ ସହାୟତା ସର୍ବତ୍ର ଆଦୃତ ଓ ପ୍ରଶଂସିତ ହୋଇ ପାରିଛି, ଜିଲ୍ଲା ଶାଖାର ଅବୈତନିକ ଯୁଗ୍ମ ସମ୍ପାଦକ ଶ୍ରୀ ଏ ଆର ଖାନ ଦୀର୍ଘ ୨୩ ବର୍ଷ ଧରି ପ୍ରତ୍ୟକ୍ଷ ରେଡ କ୍ରସ ଜଡ଼ିତ ରହି ଜିଲ୍ଲା ତଥା ରାଜ୍ୟର ପ୍ରଥମ ଜାତୀୟ ସ୍ତରର ଫାଷ୍ଟଏଡ , ବିପର୍ଯ୍ୟୟ ପରିଚାଳନା , ଜଳବାୟୁ ପରିବର୍ତ୍ତନର ମାଷ୍ଟର ଟ୍ରେନର ଭାବରେ କାର୍ଯ୍ୟକରି ଜିଲ୍ଲା ତଥା ରାଜ୍ୟ ସ୍ତରରେ ଶହ ଶହ ସ୍ୱେଚ୍ଛାସେବୀ ଗଠନ କରିବା ସହିତ ମାନବୀୟ ସହାୟତା ପାଇଁ ପ୍ରେରଣାର ସ୍ରୋତ ପାଲଟି ଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ସମାଜସେବୀ ଭାବେ ସମ୍ମାନିତ ହୋଇ ରେଡକ୍ରସ୍‌ର ସମ୍ମାନକୁ ବହୁଗୁଣିତ କରିଛନ୍ତି , ଚଳିତବର୍ଷର ପ୍ରସଙ୍ଗ 'କିପିଙ୍ଗ ହ୍ୟୁମାନିଟି ଏଲିଭ'କୁ ସାକାର କରିବାରେ ଦୃଢ ପରିକର ଭାରତୀୟ ରେଡକ୍ରସ୍ ସଂସ୍ଥା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : ଜୟାଶୀଷ ରାୟ

# ଦୁଃଖ ନଈ ତୀରେ

**ସୁଜିତ କୁମାର ମିଶ୍ର**



ଦୁଃଖ ନଈତୀରେ ବସିଛି ଏକାକୀ ଦରଭଙ୍ଗା ନାଆଟିଏ,
ପ୍ରତୀକ୍ଷା କରିଛି ଆନନ୍ଦ କୁସୁମ ଫୁଟିବ ବିମର୍ଷ ମୁହେଁ
କାହିଁ କେତେକାଳୁ ଜଳୁଛି ମାତର କୋମଳ ପୀରତି ନାହିଁ,
ଘେରିଛି ପ୍ରାଣକୁ ମିଛଦରଦର ଘନଘନ ମାୟାଛାଇ

କରୁଣାରେ ତାର କାଲିର ଫକୀର ହୁଅନ୍ତି କୁବେରପୁରୀ,
ଅଗଣା ତାହାର କ୍ଷତର ପାହାଡ଼ ଅଲୋଡ଼ା ଆୟୁଷ ଧରି
ନିଅଣ୍ଟ ଜୀବନ ନିତି ଶମଶାନ ନାହିଁନାହିଁ ସଂସାରରେ,
ସକାଳଠୁ ସଞ୍ଜ ସଞ୍ଜବତୀ ସିଏ ସଉଖୀନ ଛଳନାରେ

ଖାଲଢିପ ଯେତେ ରକ୍ତ, ମାଂସ ଭରି ତିଆରିଲା କୋଣାରକ,
ଦଳେ ଛଳନାର ଛଞ୍ଚାଣ ଖୁମ୍ପାରେ ଦରିଦ୍ର ଜୀବନ ମୁକ
ମଇ ମାସ ଆସେ ଆଲୋକ ପ୍ରକାଶେ ମହା ଆଶ୍ୱାସନା ନେଇ,
ଦିବସ ସରିଲେ ଦରଦୀ ବନ୍ଧୁଏଁ ଦଇତର କଳାଛାଇ

ଧୂସର ଭ୍ରମିତ ଜଂଜାଳ ଜୀବନ ଦଇବ ଦଉଡି ସାଥୀ,
ଯେଣିକି ଟାଣଇ ସେଣିକି ସେ ଯାଏ ଜଳିଜଳି ଅସରନ୍ତି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

# ରୌଦ୍ରତାପେ ଉତ୍ତପ୍ତ ଧରିତ୍ରୀ

**କବିରତ୍ନ ନୂତନ କୁମାର ବେହେରା**

ଘୁରୁଅଛି ସମୟର ଚକ୍ର
ଦିନରାତି କ୍ରମେ ଯାଏ ବିତି,
ଋତୁ ପରେ ଋତୁ ଆସେ ଯାଏ
ବଦଳାଏ ସୁନ୍ଦର ପ୍ରକୃତି
ଏଡି ଦେଇ ପାରେନା କେ ଯାଇ
ବିଧି ବିଧାନେ ନିୟମ ନୀତି,
ସୃଷ୍ଟିର ସୁରକ୍ଷା ଲାଗି ସବୁ
ତା' ବିନା ନାହିଁ କାହାରି ଗତି
ସେ ଧାରା ଧରାରେ ଆଣି ଗ୍ରୀଷ୍ମ
ଏବେ ହୋଇଛି ବିରାଜମାନ,
ପ୍ରଖର ଖରାର ତେଜେ ମହୀ
ଜଳେ ଜାଳେ ସବୁରି ଜୀବନ
ବହୁ କଷ୍ଟ ସହି ମର୍ତ୍ତ୍ୟବାସୀ
ଜୀବନ ଯାତ୍ରା ପଥର ଯାତ୍ରୀ,
ଅଥୟେ ଡାକନ୍ତି ତ୍ରାହୀ ତ୍ରାହୀ
ରୌଦ୍ରତାପେ ଉତ୍ତପ୍ତ ଧରିତ୍ରୀ

ଲାଗେ ଅଗ୍ନି ବର୍ଷଣ ପ୍ରାୟେକ
ରୁକ୍ଷ ଶୁଷ୍କ ସବୁ ଜଳାଶୟ,
ଜୀବ ଜଗତେ ଖେଳେ ଆତଙ୍କ
ଝାଞ୍ଜି ତାତି ବହେ ଅତିଶୟ
ସାଧାରଣ ଜୀବନ ଯାପନ
ପ୍ରାଣୀଙ୍କର ହୁଏ ବାଧାପ୍ରାପ୍ତ,
ଅସହ୍ୟ ଗରମ ଗୁଳୁଗୁଳି
ଅଶାନ୍ତିରେ ହୁଏ ଅସ୍ତବ୍ୟସ୍ତ
ମଣିଷ ଧୈର୍ଯ୍ୟ ଧରି ବିକଳେ
ପ୍ରାର୍ଥନା କରେ ପ୍ରଭୁଙ୍କୁ ଡାକି,
ସୃଷ୍ଟିର ସୁରକ୍ଷା ଲାଗି ଚିନ୍ତେ
ସଂକଟେ ତାର ଜୀବନ ଯାକି
ନିଦାଘ ହୋଇଲେ ବି ବିଷମ
ବରଷାକୁ କରେ ଆମନ୍ତ୍ରଣ,
ଦୁଃଖରୁ ସୁଖର ଯେ ଉତ୍ପତ୍ତି
ସୃଷ୍ଟିତତ୍ତ୍ୱ ଅଟେ ତା' କାରଣ ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ- ୮୦୧୮୩୫୩୩୨୨*

# ସବୁଜ ଋତୁ

**ରଶ୍ମିରେଖା ବେହେରା**

ଆଜି ତୁ ଋତୁପର୍ଣ୍ଣା,
ପୂର୍ଣ୍ଣ ଯୌବନର ଉର୍ଦ୍ଧ୍ୱରେ
ନୂଆ ନୂଆ ଆଉ ଏକ ଶୃଙ୍ଗାର
ତୋ ପୁରିଲା ପୁରିଲା ସବୁଜିଆ
ଉଛୁଳା ଦେହରେ,
ମନମତାଣିଆ ଠାଣି କିଛି କହୁଛି ଗୁପ୍ତକଥା,
ଆଉ ଶୁଣାଉଛି ଶାନ୍ତ, ସମୀର
ମଳୟର ମଧୁଝରା ବାର୍ତ୍ତା
ସେ ଯେ ନାଇଛି ଫଗୁଣର ନୂଆ ରଙ୍ଗ,
ବସନ୍ତର କଅଁଳିଆ ପ୍ରେମରେ ଭିଜିଛି,
ଆଉ ଖୁବ୍ ଭୋଗୁଛି ବି !

ଲାଜେଇ ଲାଜେଇ ପଡୁଛି,
ଛାତିତଳ ସିନ୍ଦୁକରେ ସାଇତା
ପ୍ରଥମ ମିଳନର ସ୍ୱାଗତ ବାର୍ତ୍ତା
ଅତୀତର ଏଇମାତ୍ର ବିତିଥିବା କିଛିଟା ମୁହୂର୍ତ୍ତ
ସବୁ ନିଜ ଭିତରେ ଟୁପୁରୁ ଟୁପୁରୁ....
ତୋତେ ମୁଁ ଦେଖୁଥାଏ, ନିରେଖି ଚାହୁଁଥାଏ,
ପୁଣି ଭାବି ଭାବି ହସୁଥାଏ
ସେଦିନ, ଆକାଶ ବି ଦିଶୁଥିଲା ପାଣିଚିଆ,
ଆଉ ତୁ ଜୀର୍ଣ୍ଣଶୀର୍ଣ୍ଣ, ହାଡଭଙ୍ଗା ଶୀତରେ,
ଥରୁଥିଲୁ, ଆଉ ଖୋଜୁଥିଲୁ
କେଜାଣି...
କାହାର ଉଷ୍ମତା ?
ବିବର୍ଣ୍ଣର ରଙ୍ଗ ମାଖି ଦିଶୁଥିଲୁ

ଅନେକଟା ଅଣଓସାରିଆ
ଠିକ, ବେଳ ରତରତ,
ଘଡିସନ୍ଧି କେଇଟା କ୍ଷଣ ମାତ୍ର... !

ଆଉ ତୁ ପା' ତୁଠରେ
ଦିହକୁ ମାଜୁଥିଲୁ, ଛଡଉଥିଲୁ,
ମାଟିଆ ରଙ୍ଗରୁ କିଛି,
ତୁଠ ବି ମାଟିଆ ଦିଶିଲା
ଠିକ ତା ପରେ ପରେ,
ଗଣ୍ଡିରୁ ଝାଡୁଥିଲୁ ପତ୍ର ସବୁ, ଅବେଳରେ,
ନିହାତି ଗୋଟେ ଅପରିଚିତ ଅପରାହ୍ନର କୋହରେ
ତୋ ଦେହରୁ ଉତୁରି ଥିଲେ,
ସେମାନେ ସମୟର ନିଠୁର ଇସାରାରେ,
ବେସୁରା ହୋଇ ଗାଉଥିଲେ,
ବିରହର ଧୂସର, ନିଃସଙ୍ଗ ଗୀତରୁ କିଛି
ତୋ ଦେହରୁ ଅଲଗା ପରିଚୟ ନେଇ,
ବେଶ ଦେଖାଯାଉଥିଲେ ପାଉଁଶିଆ
ଏଠି ପରା,

ଋତୁ ଆସିଲେ, ବଦଳିଯାଏ ସବୁକିଛି
ମାଟିମଗ୍ନା କଣ୍ଠରେ ଫୁଟିଉଠେ ଚିକିଟା ଗୀତ,
ପୃଥିବୀ ଦେହରେ ଖେଳୁଥାଏ ନୂଆ ଶିହରଣ,
ବିନା ମେଘରେ ବି କଅଁଳୁ ଥାଏ ଆକାଶ,
ମଳୟର ଦୋଳିରେ ଝୁଲୁଥାଏ ସମୀର,
ପ୍ରକୃତି କୋଳରେ ଥା'ନ୍ତି ଈଶ୍ୱରୀ ଆଉ ଈଶ୍ୱର
ସେଥିପାଇଁ ତୋ ସତେଜ
ଦେହରେ, ଏବେ ଏବେ
ମାଖିଛୁ ସବୁଜ ଋତୁର ବିରାଟ ସମ୍ଭାର ।

*ଟାଟା ଅଫିସର୍ସ କଲୋନୀ,*
*ମଧୁବନ, ପାରାଦ୍ୱୀପ*

# ଯାଯାବର ଜୀବନ

**ଶୁଭଦର୍ଶିନୀ ଦାଶ**



ଦିନର ଆୟୁଷ ସରିଗଲାଣି
ରାତିର ବୟସ ବଢ଼ି ଚାଲିଲାଣି
ଅନ୍ଧାର ଆଉ ନିର୍ଜନତାକୁ ଭେଦି
ହାଇମାକ୍ସ ଲାଇଟ୍ ତଳେ
ପ୍ରଭୁ ସାଜି ବସିଛି, ପାତାଳି ବୃକ୍ଷଟା
ନିରାଶ୍ରୟ କେତେ ଜୀବନର ମୂକ ସାକ୍ଷୀ ହୋଇ
ନିତିଦିନିଆ ଭକ୍ତ ସବୁ ତାର କିଚିରି ମିଚିରି ହୋଇ
କ'ଣ ସବୁ ମନ୍ତ୍ର ଉଚାରି
କେବେଠୁ ପହଡ଼ ପକେଇ ଶେଜ ଧରିଲେଣି
ହେଲେ ଏ ଦଳକ ଅଦିନିଆ ଅତିଥି
ମାଇପି, ମରଦ, ପିଲା ଛୁଆ ସବୁ
ଘର ବାହୁଡ଼ିବେ କ'ଣ
ପାଦତଳେ ତାର ପଣତ ପାରି ଆଉଜି ଗଲେଣି
ଯିବେ ଆଉ କୁଆଡ଼େ ?
ବାଟ ବଦଳାଇ ସଭ୍ୟତା ନଈ
ଚାଲିଯାଇଛି ଛେଉଣ୍ଡ କରି
ପାଦରେ ତାଙ୍କର ଅତୀତ ବେଡ଼ି
ବର୍ତ୍ତମାନ ପେଟରେ ମାରେ ବେତ ବାଡ଼ି
ବଞ୍ଚୁଛନ୍ତି ଅଧାଗଢା ଭଗ୍ନ ମୂର୍ତ୍ତି ହୋଇ
ନା ଅଛି ମନ୍ଦିର ନା ଅସ୍ଥାନ
ପୁଟୁଳିରେ ବନ୍ଧା ପଡିଛି ତାଙ୍କ ଜଞ୍ଜାଳିଆ ଜୀବନ
ଦିଗହରା ରସିକିଆ ଠିକଣା ତାଙ୍କର
ନିତି ହୁଏ ବାଟବଣା
ଏଠି ସେଠି କେବେ କେଉଁଠି
ଖୋଜିନିଏ ଏମିତି ନୂଆ ନୂଆ ଠିକଣା ।

*ଭୁବନେଶ୍ୱର*
*ମୋ- ୮୨୮୦୩୧୧୦୦୦*

# ପଣବନ୍ଦୀ

**ବଳରାମ ପୂଜାରୀ**



ପ୍ରୟାଣ ପାରିଧିରୁ ଫେରୁଥିଲେ !
ସବୁତକ ପ୍ରତାରିତ ପ୍ରାରବ୍ଧ !
ଆଞ୍ଜୁଳାଏ ପରମାୟୁ
ପ୍ରତୀକ୍ଷାରେ ବାଟବଣା
ବାଟମାରଣିଆ
ବେଣାଚେରିଆ
ନିଅଣ୍ଟିଆ ନିଃଶ୍ୱାସ !

ଅପହୃତ ଅଣନିଃଶ୍ୱାସୀ
ଏଠି ! ସବୁତକ ଆମନ୍ତ୍ରିତ

ଅଣସ୍ୱୀକୃତ ଆୟୁଷ
ପହଡ଼ ପକାଉଥିଲେ !
ଅମୁହାଁ ଦେଉଳର
ମୁହାଁଣ ଦେବତା !
ଆଉଜେଇ ହେଉଥିଲା
ସିଂହଦ୍ୱାରର
ଯୋଡି ଯାଉଁଳିଆ
ରୂପା ଛାଞ୍ଚିଆ
କଦମ୍ବ ବଣର
କଂସା କବାଟ ।

ରୁନ୍ଧା ହେଉଥିଲେ
ଆମନ୍ତ୍ରିତ ଐଶାନ୍ୟ:ଈଶ୍ୱର !
ନିରୁଦ୍ଦିଷ୍ଟ ହେଉଥିଲେ !
ଅଣ୍ଟିଏ ନିର୍ବାଣ
ବାହୁଡୁଥିଲେ
ପଥଭ୍ରଷ୍ଟ ପରମାୟୁ
ସବୁ ପାପିଷ୍ଟ
ପ୍ରାୟଶ୍ଚିତ ମୂହୁର୍ତ୍ତ ମାନଙ୍କୁ
ଅମୃତ ଟିକକ
ପରଷୁ ପରଷୁ
ଅନ୍ଧାରୁଆ ଅଧିବାସରେ
'ପଣବନ୍ଦୀ' ମୁଁ ଓ
ମୋତେ ଭରସା କରିଥିବା
ଜଞ୍ଜାଳୁଆ ଜଞ୍ଜାଳ ମାନଙ୍କ
ଦହଗଞ୍ଜିଆ ଦାୟିତ୍ୱ

କ୍ଷୟ ହେଉଥିଲା
ତଟସ୍ଥ ତଥାସ୍ତୁ
ନାଦ ନୈବେଦ୍ୟର
ନିଷ୍ଫଳ ନିବେଦନ
ଅବକ୍ଷୟମୁଖୀ ସବୁତକ
ଅତିକ୍ରମିତ ଅନୁରୋଧ
ଆମନ୍ତ୍ରିତ
ଆଞ୍ଜୁଳାଏ ଆରାଧନା
ଅନେଶ୍ୱତ ଆକାଂକ୍ଷା
ଓ ଇଛା ମାନଙ୍କ
ଭର୍ତ୍ସନାର
ଭ୍ରମିତଭାରବିନ୍ଦୁ
ଆତଙ୍କିତ
ଆଶୀର୍ବାଦ ମାନଙ୍କ
ଅଣବସରିଆ ଅନ୍ଧାର ।

*କୁଡୁମୁଲୁଗୁମ୍ମା, ମାଲକାନଗିରି, ବହ୍ନିଭୂମି*
*ମୋ-୯୬୬୮୬୮୮୪୭୪*

# ପ୍ରୀତି !!

**ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ**

ପଢିଛି ଗୋ ସଖୀ ପ୍ରୀତିରଙ୍ଗ ମାଖି ଦେଇଥିଲ ଯେଉଁ ଚିଠି
ମରମ ତଳରେ ସାଇତି ରଖିଛି ଅନୁରାଗଭରା ଭେଟି
ଲୁହରେ ପଖାଳି ସକାଳକୁ ମୋର ସଞ୍ଜରେ ଜଳାଏ ଛାତି
ଆଜିବି ଚିଆଁଇ ମାରୁଛି ତୁମର ଛାଡିଯାଇଥିବା ସ୍ମୃତି

ତୁମେ ପରଦେଶୀ ହଳଦୀ ବସନ୍ତ ଫେରିବାର ନାଆଁ ନାଇଁ
ମୁଁ ଏଠି ଜଳୁଛି ଚଇତି ଜହ୍ନରେ ବିରହର ଜ୍ୱାଳା ନେଇ
ଆସନ୍ତକି କେବେ ନିରବେ ନିଶୀଥେ ସପନେ ମଗନ ହୋଇ
ଅତୃପ୍ତ ପ୍ରାଣରେ ଭରନ୍ତା ପୁଲକ ତୁମ ତନୁ ଛୁଇଁ ଦେଇ

ନୀଳ କୁନ୍ତଳର ମେଘ ଉହାଡ଼ରୁ ହସୁଥାନ୍ତା ଟିକି ଜହ୍ନ
ମଧୁଝରା ସେଇ ଚିବୁକ ତଳରେ ଦିଶୁଥାନ୍ତା ତିଳ ଚିହ୍ନ !
ଆଖିରେ ତୁମର ଅୟୁତ ତୃଷ୍ଣାର ଢଳ ଢଳ ପ୍ରେମ ସର,
ଅପାଙ୍ଗରେ ତୁମ ଅଳସ ମନର ଅତନୁର ଫୁଲ ଶର

ଗଣ୍ଡେ ଝଳେ ନାଲି ଅବିର ଆଜିବି ଲାଜବତୀ ଲାଗ ଯେବେ
ରାତିର ଛାତିରେ କୁହୁ ଗିର ତୋଳି ନିରବତା ଭାଙ୍ଗେ କେବେ
ମୁଁ ନୁହେଁ ସଜନୀ ଏକ ରଜନୀର ମିଛ ମଳା ପ୍ରତିଶ୍ରୁତି,
ଆଜିବି ଖୋଜୁଛି ମନ ବିତାନରେ ଅପାସୋରା ତୁମ ପ୍ରୀତି ।

*ଲକ୍ଷ୍ମୀନଗର, ବଡ଼ବିଲ, କେନ୍ଦୁଝର*
*ମୋ- ୯୪୩୭୮୪୩୨୧୯*



# ଅମୃତର ହସ

**ଶରତ ଦାଶ**

ହିମାଳୟ ପାଦଦେଶ
ତୁମେ ମୋର କସ୍ତୁରୀ ମୃଗୁଣୀ
ନିଶବ୍ଦ ଜୀବନପ୍ରାନ୍ତେ
ତୁମେ ମୋର ଶବ୍ଦତରଙ୍ଗିଣୀ ।
ଉତ୍ତପ୍ତ ମରୁରେ ତୁମେ
ମରୁଝର ଆଦ୍ର ଶୀତଳତା
ମେଘାଚ୍ଛନ୍ନ ଆକାଶରେ
ଆଲୋକର ଶୁଭ୍ର ଉଜ୍ଜ୍ୱଳତା ।
ଦୂର ଚକ୍ରବାଳେ ତୁମେ
ଦୃଶ୍ୟମାନ ସୂର୍ଯ୍ୟ ଶେଷାଲୋକ
ଅଶାନ୍ତ ସାଗରବକ୍ଷେ
ସୁଗଭୀର ଶାନ୍ତିର ଦ୍ୟୋତକ ।
ଧୂସର ଧରାରେ ତୁମେ
ଶ୍ରାବଣର ଘନ ସବୁଜିମା
ମେଘମୁକ୍ତ ଆକାଶରେ
ସ୍ୱପ୍ନାକୀର୍ଣ୍ଣ ଅନନ୍ତ ନୀଳିମା ।
ଆଶାଶୂନ୍ୟ ଜୀବନରେ
ତୁମେ ପରା ଆଶାର ବତାସ
ଦୁଃଖପୂର୍ଣ୍ଣ ଜିଇଁବାରେ
ତୁମେ ଚିର ଅମୃତର ହସ ।

*ଭୁବନେଶ୍ୱର*

# ଅସମ୍ଭାଳ ତାତି

**ପ୍ରଭୁକଲ୍ୟାଣ ମହାପାତ୍ର**



ଓହୋଃ କି ଅସମ୍ଭାଳ ତାତି
ରୌଦ୍ର ତାପରୁ କେବେ ମିଳିବ ବିରତି
ଡହଡହ ଖରାରେ ଭିଜି
ଟକମକ ଫୁଟୁଛି ଆଜି
ରାଜଧାନୀର ସୁଶୋଭିତ କଂକ୍ରିଟ୍ ଭରା ଛାତି । ୧

ଓହୋଃ କି ଅସମ୍ଭାଳ ତାତି
ଅଟକି ଯାଉଛି ଏଠି ଜୀବନର ଗତି
ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦେଉଛି ଭାଜି
ସମଗ୍ର ଓଡ଼ିଶା ଏବେ ଯାଉଛି ସିଝି
ଅସ୍ତବ୍ୟସ୍ତ ଜୀବନ ଖୋଜୁଛି ଟିକିଏ ଆଶ୍ୱସ୍ତି । ୨

ଓହୋଃ କି ଅସମ୍ଭାଳ ତାତି
କାହିଁକି ଉପୁଜିଛି ଆଜି ଏଭଳି ଦୁର୍ଗତି
ବିକାଶ ନାମରେ ଆମେ ସାଜିଛୁ ପାଜି
ଜଙ୍ଗଲ ସଫା କରିଛୁ ଦେଇ ଆଖିବୁଜି
ସବୁଜିମା ହଟାଇ ଗଢୁଛୁ କଙ୍କ୍ରିଟ ସ୍ତୂପନିତି । ୩

ଓହୋଃ କି ଅସମ୍ଭାଳ ତାତି
ଲୋପ ପାଉ ତଥାକଥିତ ବିକାଶର ପ୍ରୀତି
ପ୍ରକୃତିର ତାଣ୍ଡବଲୀଳାକୁ ହେଜି
ନୈସର୍ଗିକ ପରିବେଶର ପୂଜାରୀ ସାଜି
ସନ୍ତୁଳିତ ପ୍ରଗତି ଦିଗରେ କରିବା ଅଗ୍ରଗତି । ୪

ଓହୋଃ କି ଅସମ୍ଭାଳ ତାତି
କେମିତି ମିଳିବ ଗ୍ରୀଷ୍ମରୁ ତୁରନ୍ତ ମୁକତି
ଅଲୋଡ଼ା ଖାଲି ଜାଗାମାନ ଖୋଜି
ତହିଁରେ ଭରିଲେ ପ୍ରକୃତିର ଶୋଭାରାଜି
ମିଳିବ ଆମକୁ ଏହି ଜ୍ୱାଳାରୁ ନିଷ୍କୃତି । ୫

*ମୋବାଇଲ- ୯୯୩୭୭୧୧୩୮୯*

# ଉଡ଼ାଣ

**ରତ୍ନକାନ୍ତି ମିଶ୍ର**



ସପନ ଚକ୍ରବର୍ତ୍ତୀ ସବୁବେଳେ ଡ୍ୟାସିଂ । ଏକାସାଙ୍ଗରେ ଇଞ୍ଜିନିୟରିଂ ପଢିଲା ବେଳରୁ ମୁଁ ତାକୁ ଜାଣେ । ଖୁବ୍ ଅୟସରେ ରହେ । କାର୍‌ରେ କଲେଜ ଆସେ । ସାଙ୍ଗଙ୍କୁ ଧରି ବୁଲେ ।

ମୋତେ ଚମକୃତ କରି କପ ବୋର୍ଡ ଭିତରୁ ସେଦିନ ବାହାରି କରି ଆଣିଲା ଗୋଟିଏ କାଗଜ ପୁଡ଼ିଆ । ଆଣିଲା ଗୋଟିଏ ଷ୍ଟିଲ୍ ଚାମଚ ଆଉ ଲାଇଟର୍ । କାଗଜ ପୁଡିଆରୁ ଧଳା ଗୁଣ୍ଡତକ ସାବଧାନ ସହକାରେ ଢାଳିଦେଲା । ଚାମଚରେ ଲାଇଟର ଜଳାଇ ଚାମଚକୁ ଗରମ କଲା ତ ପାଉଡ୍‌ର ସଙ୍ଗେ ସଙ୍ଗେ ତରଳ ପଦାର୍ଥରେ ପରିଣତ ହୋଇଗଲା । ଗୋଟିଏ ଇଂଜେକ୍‌ସନ୍ ସିରିଞ୍ଜରେ ଭରିଦେଲା ସେସବୁକୁ ।

ମୋ ଆଗ୍ରହରେ ଡେମୋ ଦେଖାଉଥିଲା ସେ ମୋତେ । ଅମିତ ବିସ୍ମୟରେ ମୁଁ ଚାହିଁଥିଲି ସେଇ ସିରିଞ୍ଜି ଆଡ଼କୁ । ମୋ ହାତର ଶିରାରେ ସେ ପୁସ୍ କରିଦେଲା ସେଇ ତରଳ ପଦାର୍ଥକୁ ।

ସପନ ଚକ୍ରବର୍ତ୍ତୀ କହିବା ଅନୁଯାୟୀ, ଦୁଇ ମିନିଟ୍... ମାତ୍ର ଦୁଇ ମିନିଟ୍ ମଧ୍ୟରେ ଏକ ଅବର୍ଣ୍ଣନୀୟ ଶିହରଣରେ ଉତ୍ତେଜିତ ହୋଇପଡ଼ିଲା ମୋର ସମଗ୍ର ଶରୀର । ପକ୍ଷୀ ପରି ସତେ କି ମୁଁ ହାଲ୍‌କା ହୋଇଗଲି । ସବୁତକ ଚିନ୍ତା ଦକ ଉଭେଇ ଯାଇଥିଲା ମନରୁ । ଖୁସି ଆକାଶରେ ଘୁରି ବୁଲୁଥିଲି ମୁଁ ସତେକି ଦୁଇ ହାତ ମୋର ପାଲଟି ଯାଇଥିଲେ ପକ୍ଷୀର ଦୁଇ ଡେଣା..!

ଓଃ... ଅପର୍ଯ୍ୟାପ୍ତ ସୁଖ ଅନୁଭୂତି..!

ସେଇ ସମୟରେ ମୁଁ ଭୁଲି ଯାଇଥିଲି ମୋ ଘରର ଦୟନୀୟ ପରିସ୍ଥିତି । ମୋ ରୋଜଗାରକୁ ଚାତକ ଭଳି ଚାହିଁ ରହିଥିବା ମୋର ମାଆ ଆଉ ସାନ ଦୁଇ ଭଉଣୀଙ୍କ କଥା । ସର୍ବୋପରି ମୋ ପାଠ ପାଇଁ ସବୁତକ ଜମି ବିକି ସାରିଥିବା ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ ଭଳି ରୋଗର ଚିକିତ୍ସା କରାଇ ପାରୁନଥିବା ମୋ ଅସହାୟ ବାପାଙ୍କ କଥା ।

ପରଦିନ ମୋର ନିଦ ଭାଙ୍ଗିଲା ଫୋନ୍ ରିଂ ଶବ୍ଦରେ । ଦିନ ଏଗାରଟା ବାଜି ସାରିଥିଲା । ଗତକାଲି କଥା ଅନୁସାରେ ସପନ ଚକ୍ରବର୍ତ୍ତୀ ବୋଧହୁଏ କଲ୍ କରିଛି । ସବୁ କଥା କାଲି ମୋତେ ବୁଝାଇ ଦେଇଥିଲା । ଆଜି ସେଇ ଡ୍ରଗ୍‌ସ୍ ବିଜିନେସ୍‌ର ଗରାଖ ଯୋଗାଡ଼ କରାଯିବାର ଟ୍ରେନିଂ ପର୍ଯ୍ୟାପ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତିରେ ପୁଲକିତ ହେବାର ସମୟ ଉପନୀତ... !!

ଏତିକି ବେଳକୁ ଶୁଭିଲା କବାଟରେ ନକ୍ ଶବ୍ଦ । କବାଟ ଖୋଲିଲି ତ ହସ ହସ ମୁହଁରେ ବିନିତା ଏକରକମର ଭିଡ଼ି ଧରିଲା ମୋତେ ରୁମ୍ ଭିତରକୁ ଆସି ।

- କେତେ ଥର ଫୋନ୍ କଲିଣି ? ଏ ପର୍ଯ୍ୟନ୍ତ ଶୋଇଛ ? ସାଇଲେଣ୍ଟ ମୋଡ୍‌ରେ ଫୋନ୍ ରଖିଛ ବୋଧହୁଏ । ଜାଣିଛ ଆମ ସମ୍ପର୍କକୁ ମାନି ନେଇଛନ୍ତି ବାବା, ମାମା ! ମୁଁ ବହୁତ ଖୁସି ବିପ୍ଳବ, ଏବେ ବହୁତ ଖୁସି ।

- ହେଲେ.. !

- ହେଲେ, ହେଲେ ଆଉ କ'ଣ ! ତୁମେ କେଉଁ ବିଜ୍‌ନେସ୍ କରିବା କଥା କହୁଥିଲ, କର ସେଥିପାଇଁ ବାବା ଟଙ୍କା ଦେବେ । ସେ ରିସ୍କ ନେବାକୁ ସବୁବେଳେ ଭଲ ପାଆନ୍ତି । ହେଲେ ପରେ ଆମେ ତାଙ୍କ ଟଙ୍କା ଫେରେଇ ଦେବା ହସି ହସି କହିଲା ବିନିତା ।

ବିନିତାକୁ ଖୁସିରେ ଜଡ଼େଇ ଧରିଲି ମୁଁ ।

ବାହାରେ ପୁଣି ନକ୍ ଶବ୍ଦ କିଏ ପୁଣି ? ଧିରେ କବାଟ ଖୋଲିଲି । ପୋଷ୍ଟ ପିଅନ ଆଗରୁ ଇଣ୍ଟରଭ୍ୟୁ ଦେଇଥିବା ଗୋଟିଏ ମଲ୍ଟି ନେସନାଲ କମ୍ପାନୀର ଆପଏଣ୍ଟମେଣ୍ଟ ଲେଟର.. !

ବିନିତା ଆଖିରେ ଲୁହ ଟଳମଳ କରୁଥିଲା ଖୁସିର ଲୁହ ।

ମୋ ଛାତିରୁ ବି କୋହ ଉଠୁଥିଲା... ଖୁସିରେ ।

ସପନ ଚକ୍ରବର୍ତ୍ତୀର ଫୋନ୍ ଆସିଲା । କାଟିଦେଲି । ପୁଣି ଥରେ ଫୋନ୍ ଆସିଲା ସିମ୍ ବାହାର କରି ଫୋପାଡ଼ି ଦେଲି । ସପନ ଚକ୍ରବର୍ତ୍ତୀ ମୋ ରୁମ୍ ଦେଖିନାହିଁ, ସେତିକି ମୋ ପାଇଁ ସାନ୍ତ୍ୱନା ଥିଲା ।

ବିନିତାକୁ ଆଉଥରେ ଜଡ଼େଇ ଧରିଲି ମୁଁ । ସେ ବି ମୋତେ । ଶିରା ପ୍ରଶିରାରେ ଯେମିତି ବିଦ୍ୟୁତ୍ ଖେଳି ଯାଉଥିଲା ଏକ ଅପୂର୍ବ ଶିହରଣ । ମୋତେ ପୁଲକିତ କରୁଥିଲା । ଆମେ ଦୁହେଁ ସତେ ଡେଣା ମେଲି ନୀଳ ଆକାଶରେ ଘୁରି ବୁଲୁଥିଲୁ । ଆଃ...କି ଚରମ ଶାନ୍ତି !

*ଆଳି, କେନ୍ଦ୍ରାପଡା*

# ମାତ୍ର ୨୦ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଲେ ଇଂଲଣ୍ଡ କ୍ରିକେଟର ଜୋଶ୍ ବେକର



**ଲଣ୍ଡନ**

ଇଂଲଣ୍ଡ କ୍ରିକେଟର ଜୋଶ୍ ବେକର ମାତ୍ର ୨୦ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଛନ୍ତି । କାଉଣ୍ଟି କ୍ରିକେଟରେ ୱର୍କେଷ୍ଟେଶାୟାର୍ ପାଇଁ ବେକର୍ ଖେଳିଥିଲେ । ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ସେ ୩ ଉଇକେଟ ନେଇଥିଲେ । ୱର୍କେଷ୍ଟେଶାୟାର୍ ଦଳ ସୋସିଆଲ ମିଡିଆରେ ତାଙ୍କ ଖେଳର ଏକ ଭିଡିଓ ମଧ୍ୟ ଶେୟାର କରିଛି । ବେକର୍ ଏକ ଇନିଂସରେ ୨୦ ଓଭର ବୋଲିଂ କରିଥିଲେ । ଏହି ସମୟରେ ୬୬ ରନ ପାଇଁ ୩ ଉଇକେଟ ନେଇଥିଲେ ।

ବେକରଙ୍କ ମୃତ୍ୟୁ ପରେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ଦୁଃଖ ପ୍ରକାଶ କରିଛି । ୱର୍କେଷ୍ଟେଶାୟାର୍ ଏକ୍ସରେ ଲେଖିଛି, ଜୋସ୍ ବେକରଙ୍କ ୨୦ ବର୍ଷ ବୟସରେ ଦେହାନ୍ତ ହୋଇଥିବାର ଘୋଷଣା କରିବା ଅତ୍ୟନ୍ତ ଦୁଃଖଦାୟକ । ଏହି ଦୁଃଖ ସମୟରେ ଆମେ ସମସ୍ତେ ଜୋଶଙ୍କ ପରିବାର ପାଇଁ ପ୍ରାର୍ଥନା କରନ୍ତୁ । ବେକର ୨୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୪୩ ଉଇକେଟ ନେଇଛନ୍ତି । ସେ ୧୭ ତାଲିକା ଏ ମ୍ୟାଚ୍‌ରେ ୨୪ ଉଇକେଟ ନେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବେକର୍ ବୋଲିଂ କରିବା ସହିତ ବ୍ୟାଟିଂରେ ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି । ସେ ପ୍ରଥମ ଶ୍ରେଣୀ ମ୍ୟାଚରେ ୪୧୧ ରନ ସଂଗ୍ରହ କରିଛନ୍ତି । ଏହି ଅବଧି ମଧ୍ୟରେ ସେ ୨ ଅର୍ଦ୍ଧଶତକ ହାସଲ କରିଛନ୍ତି ।

# ଆଇସିସି ଟେଷ୍ଟ ର୍‌ୟାଙ୍କିଙ୍ଗ : ଭାରତକୁ ହଟାଇ ଅଷ୍ଟ୍ରେଲିଆ ନମ୍ବର ୧

**ମୁମ୍ବାଇ**

ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଗତବର୍ଷ ଭାରତକୁ ହରାଇଥିବା ଅଷ୍ଟ୍ରେଲିଆ ଏବେ ର୍‌ୟାଙ୍କିଙ୍ଗ ୧ନଂ ସ୍ଥାନରେ ପହଞ୍ଚିଯାଇଛି । ୨୦୨୦-୨୧ ସିଜିନ ଓ ୨୦୨୧ ମେ’ ମାସରୁ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଥିବା ଟେଷ୍ଟ ସିରିଜର ଫଳାଫଳକୁ ବିଚାରକୁ ନେଇ ଆଇସିସି ବାର୍ଷିକ ଅପଡେଟ୍ ର୍‌ୟାଙ୍କିଙ୍ଗ ପ୍ରକାଶ କରିଛି । ଏହି ଅପଡେଟ ଅନୁଯାୟୀ, ଭାରତକୁ ପଛରେ ପକାଇ ଅଷ୍ଟ୍ରେଲିଆ ପୁଣି ୧ନଂ ସ୍ଥାନ ଦଖଲ କରିଛି ।

ଅଷ୍ଟ୍ରେଲିଆ ୧୨୪ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ଭାରତ ଏହାଠାରୁ ମାତ୍ର ୪ ପଏଣ୍ଟ ଦୂରରେ ଅଛି । ସେହିପରି ତୃତୀୟ ସ୍ଥାନରେ ଥିବା ଇଂଲଣ୍ଡ ଠାରୁ ଭାରତ ୧୫ ପଏଣ୍ଟ ଆଗରେ ରହିଛି । ୪ର୍ଥ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକାର ପଏଣ୍ଟ ସଂଖ୍ୟା ୧୦୩ ।



୨୦୨୦-୨୧ରେ ଭାରତ ୨-୧ରେ ଅଷ୍ଟ୍ରେଲିଆରେ ସିରିଜ ଜିତିଥିଲା । ତେବେ ଗୋଟିଏ ମ୍ୟାଚ୍‌ରେ ଦଳ ହାରିବାରୁ ବାର୍ଷିକ ଅପଡେଟ ର୍‌ୟାଙ୍କିଙ୍ଗରେ ଦଳ କିଛି ପଏଣ୍ଟ ହରାଇ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛି ।

ଆଇସିସି ର୍‌ୟାଙ୍କିଂର ୫ମ ସ୍ଥାନରେ ନ୍ୟୁଜିଲାଣ୍ଡ, ୬ଷ୍ଠରେ ପାକିସ୍ତାନ, ୭ମରେ ଶ୍ରୀଲଙ୍କା, ୮ମରେ ୱେଷ୍ଟଇଣ୍ଡିଜ, ୯ମ ସ୍ଥାନରେ ବାଂଲାଦେଶ ଓ ୧୦ମ ସ୍ଥାନରେ ଜିମ୍ବାୱେ ରହିଛି ।

ଅନ୍ୟପକ୍ଷରେ ଭାରତ ଦିନିକିଆ ଓ ଟି-୨୦ ର୍‌ୟାଙ୍କିଙ୍ଗରେ ପୂର୍ବଭଳି ୧ନଂ ସ୍ଥାନରେ ଅଛି । ଭାରତ ଗତବର୍ଷ ଅଷ୍ଟ୍ରେଲିଆ ଠାରୁ ଦିନିକିଆ ବିଶ୍ୱକପ ଫାଇନାଲରେ ହାରି ଯାଇଥିଲା । କିନ୍ତୁ ଅଷ୍ଟ୍ରେଲିଆ ତୁଳନାରେ ଭାରତ ଦିନିକିଆ ର୍‌ୟାଙ୍କିଙ୍ଗରେ ୬ ପଏଣ୍ଟ ଆଗରେ ରହିଛି । ଦଳ ୧୨୨ ପଏଣ୍ଟ ସହ ତାଲିକାର ୧ନଂ ସ୍ଥାନରେ ରହିଛି । ଅଷ୍ଟ୍ରେଲିଆ ଦ୍ୱିତୀୟରେ ଥିବା ବେଳେ ଦକ୍ଷିଣ ଆଫ୍ରିକା ୩ୟ, ପାକିସ୍ତାନ ୪ର୍ଥ ଓ ନ୍ୟୁଜିଲାଣ୍ଡ ପୂର୍ବଭଳି ଦିନିକିଆ ର୍‌ୟାଙ୍କିଙ୍ଗର ୫ମ ସ୍ଥାନରେ ଅଛି ।

ଟି-୨୦ରେ ଭାରତ ୧ନଂ ସ୍ଥାନରେ ମଜବୁତ ହୋଇ ରହିଥିବା ବେଳେ ଅଷ୍ଟ୍ରେଲିଆ ୨ୟ, ଇଂଲଣ୍ଡ ୩, ଦକ୍ଷିଣ ଆଫ୍ରିକା ୪ ନଂ ଓ ନ୍ୟୁଜିଲାଣ୍ଡ ୫ନଂ ସ୍ଥାନରେ ରହିଛି ।

# ଟି-୨୦ ବିଶ୍ୱକପ ପାଇଁ ସ୍କ୍ୱାଡ୍ ଘୋଷଣା କଲା ୱେଷ୍ଟଇଣ୍ଡିଜ

**ନୂଆଦିଲ୍ଲୀ**



ଜୁନ୍ ମାସରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ ପାଇଁ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ସହ ଆୟୋଜକ ୱେଷ୍ଟଇଣ୍ଡିଜ । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା କ୍ରିକେଟର ଏହି ମହାକୁମ୍ଭରେ ଘରୋଇ ଦଳର ନେତୃତ୍ୱ ରୋଭମାନ ପାଲେ ନେବେ । ଦଳରେ ଉପ ଅଧିନାୟକ ଭାବେ ଦ୍ରୁତ ବୋଲର୍ ଅଲଜାରି ଯୋଶେଫଙ୍କୁ ନିଯୁକ୍ତି ଦିଆଯାଇଛି । ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଡେବ୍ୟୁ କରି ସମସ୍ତଙ୍କୁ ନିଜର ଜଲୱା ଦେଖାଇଥିବା ଶମର ଯୋଶେଫଙ୍କୁ ପ୍ରଥମଥର ଟି-୨୦ ସ୍କ୍ୱାଡ୍‌ରେ ସୁଯୋଗ ମିଳିଛି । ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ସିରିଜରେ ନଜର ଆସି ନଥିବା ଶିମରନ ହେଟମେୟର ବିଶ୍ୱକପ ଦଳକୁ କମ୍‌ବ୍ୟାକ୍ କରିଛନ୍ତି ହେଟମେୟର ଏବେ ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲରେ ଜଲୱା ଦେଖାଉଛନ୍ତି । ସେ ୪ଟି ଇନିଂସରେ ୧୮୪.୪୪ ଷ୍ଟ୍ରାଇକ୍ ରେଟ୍‌ରେ ୮୩ ରନ କରିଛନ୍ତି । ଦଳରେ ସେ ଫିନିସର ଭୂମିକାରେ ରହିଛନ୍ତି । କାୟଲେ ମେୟର୍ସ ଓ ଓଶେନ ଥୋମାସ ୧୫ ଜଣିଆ ବିଶ୍ୱକପ ସ୍କ୍ୱାଡ୍‌ରୁ ବାଦ୍ ପଡ଼ିଛନ୍ତି । ଜନସନ ଚାର୍ଲସ, ବ୍ରାଣ୍ଡନ କିଙ୍ଗ ଓ ସାଇ ହୋପ୍ ଦଳର ଟପ୍ ଅର୍ଡର ଅଭାବକୁ ବିଶ୍ୱକପରେ ପୂରଣ କରିବେ । ଦଳରେ ନିକୋଲସ ପୂରନ, ଆନ୍ଦ୍ରେ ରସେଲ, ଜାସନ ହୋଲ୍ଡର, ଶେରଫନ ରଥରଫୋର୍ଡ, ରୋଷ୍ଟନ ଚେଜ୍ ଓ ରୋମାରିଓ ଶେଫର୍ଡଙ୍କ ଭଳି ବିସ୍ଫୋରକ ବ୍ୟାଟର ରହିଛନ୍ତି । ପୂରନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ବୋଲିଂ କରିବାକୁ ମଧ୍ୟ ସକ୍ଷମ ।

ସ୍ପିନ ବୋଲିଂ ଡିପାର୍ଟମେଣ୍ଟର ଭାର ଅକେଲ ହୁସେନ ଓ ଗୁଡାକେଶ ମୋତିଙ୍କ ଉପରେ ରହିବ । ସେମାନଙ୍କୁ ସାଥ ଦେବାକୁ ଚେଜ୍ ରହିଛନ୍ତି ।

ୱେଷ୍ଟଇଣ୍ଡିଜ ସ୍କ୍ୱାଡ୍ : ରୋଭମାନ ପାଲେ (ଅଧିନାୟକ), ଅଲଜାରି ଯୋଶେଫ(ଉପ ଅଧିନାୟକ), ଜନସନ ଚାର୍ଲସ, ରୋଷ୍ଟନ ଚେଜ, ଶିମରନ ହେଟମେୟର, ଜାସନ ହୋଲ୍ଡର, ସାଇ ହୋପ୍, ଅକେଲ ହୁସେନ, ଶମର ଯୋଶେଫ, ବ୍ରାଣ୍ଡନ କିଙ୍ଗ, ଗୁଡାକେଶ ମୋତି, ନିକୋଲସ ପୂରନ, ଆନ୍ଦ୍ରେ ରସେଲ, ଶେରଫନ ରଥରଫୋର୍ଡ ଓ ରୋମାରିଓ ଶେଫର୍ଡ ।

ସହ ଆୟୋଜକ ୱେଷ୍ଟଇଣ୍ଡିଜ ୨ ଥର ଟି-୨୦ ବିଶ୍ୱକପ ଜିତିଛି । ଏବେ ଦଳର ନଜର ତୃତୀୟ ଥର ଚାମ୍ପିୟନ ହେବା ଉପରେ ରହିଛି ।

# ଚେନ୍ନାଇ ସୁପର କିଙ୍ଗ୍‌ସର ଚିନ୍ତା ବଢ଼ିଲା : ଦଳ ପାଖରେ ନାହାନ୍ତି ୫ ଟପ୍ ଖେଳାଳି

**ନୂଆଦିଲ୍ଲୀ**



ଚଳିତ ଆଇପିଏଲ ତା’ର ଶେଷ ପର୍ଯ୍ୟାୟରେ ପହଞ୍ଚିବାକୁ ଯାଉଥିବା ବେଳେ ସବୁଠାରୁ ସଫଳ ଟିମ୍ ଚେନ୍ନାଇ ସୁପର କିଙ୍ଗ୍‌ସର ଚିନ୍ତା ବଢ଼ିଛି । ବୁଧବାର ଚେନ୍ନାଇ ୭ ୱିକେଟରେ ପଞ୍ଜାବ କିଙ୍ଗ୍‌ସ ଠାରୁ ହାରିବା ପରେ ଦଳର ପ୍ଲେଅଫ୍ ଖେଳିବା ଆଶାରେ ସାମାନ୍ୟ ଭଟ୍ଟାର ସୃଷ୍ଟି ହୋଇଛି । ଏହା ପଛର ମୁଖ୍ୟ କାରଣ ଆହତ ଠାରୁ ଆରମ୍ଭ କରି ଦଳର ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତି । ଏକଥାକୁ ମ୍ୟାଚ୍ ପରେ ଦଳର ମୁଖ୍ୟ କୋଚ୍ ଷ୍ଟେଫେନ ଫ୍ଲେମିଂ ମଧ୍ୟ ସ୍ୱୀକାର କରିଛନ୍ତି । ଚେନ୍ନାଇ ସ୍କ୍ୱାଡ୍‌ର ପ୍ରମୁଖ ୫ ଖେଳାଳି ଏବେ ମ୍ୟାଚ୍ ଖେଳିବାକୁ ଉପଲବ୍ଧ ନଥିବା ସେ କହିଛନ୍ତି । ବୁଧବାର ମ୍ୟାଚ୍ ବେଳେ ଦୀପକ ଚହର ମାତ୍ର ୨ଟି ବଲ୍ ପକାଇଥିଲେ । ଏହାପରେ ସେ ପଡ଼ିଆ ଛାଡ଼ି ଚାଲି ଯାଇଥିଲେ । ତାଙ୍କ ଆହତ ସମସ୍ୟା ଆଦୌ ଭଲ ନଥିବା ଫ୍ଲେମିଂ କହିଛନ୍ତି ତଥାପି ତାଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି । ସେ ଆଗକୁ ଖେଳିବେ କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇନି

ଆସନ୍ତା ମାସରୁ ଟି-୨୦ ବିଶ୍ୱକପ ଆରମ୍ଭ ହେଉଥିବାରୁ ଶ୍ରୀଲଙ୍କାର ମଥିଶା ପଥିରାଣା ଓ ମହୀଶ ତିକଶାନା ଭିସା ଜନିତ ଯାଞ୍ଚ ପାଇଁ ସ୍ୱଦେଶ ଯାଇଛନ୍ତି । ସେହିପରି ବାଂଲାଦେଶର ମ୍ୟାଚ୍ ଯୋଗୁ ମୁସ୍ତାଫିଜୁର ରହମାନ ମଧ୍ୟ ଢାକା ଚାଲି ଯାଇଛନ୍ତି । ଏମାନଙ୍କ ବ୍ୟତୀତ ତୁଷାର ଦେଶପାଣ୍ଡେଙ୍କୁ ଜ୍ୱର ଓ ଥଣ୍ଡା ହୋଇଛି । ସେ କେବେ ଠିକ୍ ହେବେ, ସେକଥା ମଧ୍ୟ ଜଣାନାହିଁ । ଏତେ ସବୁ ପରେ ମଧ୍ୟ ଚେନ୍ନାଇ ମ୍ୟାନେଜମେଣ୍ଟର ଆଶା ଅଛି ଯେ ଧର୍ମଶାଳା ମ୍ୟାଚ୍ ବେଳକୁ ସବୁ କିଛି ଠିକ୍ ହୋଇଯିବ । ପଥିରାଣା ଓ ତିକଶାନା ଉକ୍ତ ମ୍ୟାଚ୍ ବେଳକୁ ଫେରିବାର ସମ୍ଭାବନା ରହିଛି । ବର୍ତ୍ତମାନ ଚେନ୍ନାଇ ୧୦ ମ୍ୟାଚ୍‌ରୁ ୫ ବିଜୟ ସହ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି । ବାକି ୪ ମ୍ୟାଚ୍ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଦଳ କିଛି ପ୍ରମୁଖ ଖେଳାଳିଙ୍କ ବିନା ମୈଦାନକୁ ଓହ୍ଲାଇବ ।

# ଆଇପିଏଲରେ ଦୁର୍ବଳ ପ୍ରଦର୍ଶନ ପାଇଁ ଟି-୨୦ ବିଶ୍ୱକପରୁ ବାଦ୍ ପଡ଼ିପାରନ୍ତି ଅନେକ ଖେଳାଳି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ପାଇଁ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ଟିମ୍‌କୁ ନେଇ ଚର୍ଚ୍ଚା ଥମିବାର ନାମ ନେଉନାହିଁ । ଭଲ ପ୍ରଦର୍ଶନ କରୁଥିବା ଅନେକ ଖେଳାଳିଙ୍କୁ ସାମିଲ କରାଯାଇନଥିବାରୁ ପ୍ରଶଂସକମାନେ ଆଦୌ ଖୁସି ନାହାନ୍ତି । ବିଶେଷକରି ବ୍ୟାଟିଂ ଲାଇନ ଅପ୍ ବାବଦରେ କହିବାକୁ ଗଲେ କେ.ଏଲ ରାହୁଲଙ୍କ ସ୍ଥାନରେ ଯଶସ୍ୱୀ ଜୈସ୍‌ୱାଲ ଆସିଛନ୍ତି । ଏଭଳି ପରିସ୍ଥିତିରେ ଆଇପିଏଲ ୨୦୨୪ରେ ଚମତ୍କାର ପ୍ରଦର୍ଶନ ପାଇଁ ଶିବମ ଦୁବେ ଏବଂ ସଞ୍ଜୁ ସାମସନଙ୍କୁ ମଧ୍ୟ ସୁଯୋଗ ଦିଆଯାଇଛି, କିନ୍ତୁ ଭାରତୀୟ ଦଳ ଘୋଷଣା ହେବାର କିଛି ସମୟ ପରେ ଖେଳାଳିଙ୍କ ଆଇପିଏଲ ପ୍ରଦର୍ଶନ ହ୍ରାସ ପାଇଛି । ସୂଚନା ଥାଉ କି ଯେ ଦଳଗୁଡ଼ିକର ପରିବର୍ତ୍ତନ ପାଇଁ ଆଇସିସି ମେ’ ୨୫ କୁ ଶେଷ ତାରିଖ ଭାବରେ ସ୍ଥିର କରିଛି । ଏଭଳି ପରିସ୍ଥିତିରେ କେଉଁ ଖେଳାଳିଙ୍କୁ ବିଶ୍ୱକପ ଦଳରୁ ଡ୍ରପ କରାଯାଇପାରେ । ଏହି ତାଲିକାରେ ଏକ ନମ୍ବର ସ୍ଥାନରେ ଶିବମ ଦୁବେ ରହିଛନ୍ତି । କାରଣ ଆଇପିଏଲ ୨୦୨୪ରେ ତାଙ୍କ ପ୍ରଦର୍ଶନକୁ ଦେଖି ତାଙ୍କୁ ଚୟନ କରାଯାଇଥିଲା । ଚଳିତ ସିଜନରେ ସେ ୧୦ଟି ମ୍ୟାଚ୍‌ରେ ୩୫୦ ରନ ସଂଗ୍ରହ କରିଛନ୍ତି । ସେ ସିଜନରେ ମାତ୍ର ଗୋଟିଏ ଓଭରରେ ବୋଲିଂ କରିଛନ୍ତି, ଯେଉଁଥିରେ ସେ ଗୋଟିଏ ୱିକେଟ ମଧ୍ୟ ନେଇଛନ୍ତି । ଟି-୨୦ ବିଶ୍ୱକପରେ ଚୟନ ପରେ ଯେତେବେଳେ ଦୁବେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଖେଳିବାକୁ ଆସିଥିଲେ, ସେତେବେଳେ ସେ ପ୍ରଥମ ବଲରେ ଆଉଟ୍ ହୋଇଥିଲେ । ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ଅନୁଯାୟୀ, ଅଦ୍ଭୁତ ଛକା ମାରିବାର କ୍ଷମତା ପାଇଁ ଦୁବେଙ୍କୁ ମନୋନୀତ କରାଯାଇଛି, କିନ୍ତୁ ଯଦି ତାଙ୍କ ବ୍ୟାଟ ପରବର୍ତ୍ତୀ ମ୍ୟାଚ୍‌ରେ କିଛି କମାଲ ନ ଦେଖାଏ, ତେବେ ଦୁବେଙ୍କୁ ବାଦ୍ ଦିଆଯାଇପାରେ । ସେହିପରି ଅର୍ଶଦୀପ ସିଂ କିଛି ବର୍ଷ ହେଲା ଟି-୨୦ ପାଇଁ ଭାରତୀୟ ଦଳରେ ଖେଳୁଛନ୍ତି । କିନ୍ତୁ ଚୟନ ପରେ ସେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ୪ ଓଭରରେ ୫୨ ରନ ଦେଇଥିଲେ । ନୂତନ ବଲ ସହିତ ଅର୍ଶଦୀପ ଭଲ ପ୍ରଦର୍ଶନ କରିପାରନ୍ତି ଏବଂ ଡେଥ୍ ଓଭରରେ ମଧ୍ୟ ଭଲ ବୋଲିଂ କରନ୍ତି ଏବଂ ଏହା ହେଉଛି ତାଙ୍କର ଶକ୍ତି । କିନ୍ତୁ ଖରାପ ଇକୋନୋମି ହାର ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ । ଅଭିଜ୍ଞ ବାମହାତୀ ଅଫ ସ୍ପିନ ବୋଲର ରବିନ୍ଦ୍ର ଜାଡେଜାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି । କିନ୍ତୁ ତାଙ୍କର ବିକଳ୍ପ ଭାବେ ଅକ୍ଷର ପଟେଲ ମଧ୍ୟ ୧୫ ଜଣିଆ ଖେଳାଳିଙ୍କ ଦଳରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ୧୫୯ ରନ ସ୍କୋର କରିବା ବ୍ୟତୀତ ଜାଡେଜା ଚଳିତ ସିଜନରେ ମାତ୍ର ୫ ୱିକେଟ ନେଇପାରିଛନ୍ତି । ଯଦି ଜାଡେଜା ଆଗାମୀ କିଛି ମ୍ୟାଚ୍‌ରେ ନିଜର ପ୍ରଦର୍ଶନକୁ ଉନ୍ନତ କରିପାରିବେ ନାହିଁ, ତେବେ ଏହା ସମ୍ଭବ ଯେ ଅକ୍ଷର ପଟେଲ ତାଙ୍କ ସ୍ଥାନ ଛଡ଼ାଇ ନେଇପାରନ୍ତି ।

# ପୋଲିଂ ଅଫିସରମାନଙ୍କ ଦ୍ୱିତୀୟ ରାଉଣ୍ଡ ତାଲିମ୍ ଆରମ୍ଭ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ସାଧାରଣ ନିର୍ବାଚନ ଆସନ୍ତା ମେ’ ମାସ ୧୩ ତାରିଖରେ ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ହେବ । ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ତରଫରୁ ଜିଲ୍ଲା ସ୍ତରରୁ ବୁଥ୍ ସ୍ତରୀୟ ଆବଶ୍ୟକ ସମସ୍ତ ବ୍ୟବସ୍ଥା, ପ୍ରସ୍ତୁତି ଓ ପରିଚାଳନା ତତ୍ପରତା ସହିତ ଜାରି ରହିଛି । ଏହି ଅବସରରେ ସମସ୍ତ ପୋଲିଂ ଅଧିକାରୀମାନଙ୍କର ଦ୍ୱିତୀୟ ରାଉଣ୍ଡ ତାଲିମ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି । ମେ’ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ ନବରଙ୍ଗପୁର, ଭୈରବ କଲେଜ ଡାବୁଗାଁ, ଭୈରବ ହାୟର ସେକେଣ୍ଡାରୀ ସ୍କୁଲ ଡାବୁଗାଁ, ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ଡାବୁଗାଁ, ଏସ ଏସ୍, ସରକାରୀ ଉଚ୍ଚବିଦ୍ୟାଳୟ ଉମରକୋଟ, ବିଜୁ ଏସ୍‌ଟି, ମହିଳା ହାୟର ସେକେଣ୍ଡାରୀ ସ୍କୁଲ ଉମରକୋଟ, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝରିଗାଁ ଠାରେ ପୋଲିଂ ଅଧିକାରୀମାନଙ୍କର ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏସବୁ ଶିକ୍ଷାନୁଷ୍ଠାନରେ ମାଷ୍ଟର ଟ୍ରେନର ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ତାଲିମ ଶିବିରରେ ପୋଷ୍ଟାଲ ବେଲଟ୍ ମାଧ୍ୟମରେ ମତଦାନ କରୁଥିବା ପୋଲିଂ ଅଧିକାରୀମାନେ ମତଦାନ କରିପାରିବେ । ଦ୍ୱିତୀୟ ରାଉଣ୍ଡ ଏଭିଏମ୍, ଭିଭିପାଟ, ରେଣ୍ଡୋ ମାଇଜସନ କାର୍ଯ୍ୟ ଇଭିଏମ୍, ଭିଭିପାଟ ଗୋଡ଼ାଉନ୍‌ରେ ସାଧାରଣ ପର୍ଯ୍ୟବେକ୍ଷକ, ରିଟର୍ନିଂ ଅଧିକାରୀ ୧୨ ଏସ୍‌ଟି, ଲୋକସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲାର ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ, ସମସ୍ତ ରାଜନୈତିକ ଦଳର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଏବଂ ଦିତୀୟ ରେଣ୍ଡୋ ମାଇ ଯେସନେ ରିପୋର୍ଟ ସମସ୍ତ ରାଜନୈତିକ ଦଳଙ୍କୁ ଦିଆଯାଇଛି । ଇଭିଏମ୍, ଭିଭିପାଟ୍‌ର କମିଶନିଂ ମେ’ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଇଭିଏମ୍, ଭିଭିପାଟ ଗୋଡ଼ାଉନ୍‌ରେ ଅନୁଷ୍ଠିତ ହେବ ।

# ୩ଟି ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୩ଟି ଗ୍ରାମପଞ୍ଚାୟତରେ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେରିଲୋ, ଓରତି ଓ ତରତ ଗ୍ରାମପଞ୍ଚାୟତକୁ ନେଇ ଏହି କର୍ମୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମୀ ସମାବେଶରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ । ଏଥିରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦାନ କରି ମାହାଙ୍ଗା ନିର୍ବାଚନ ମଣ୍ଡଳୀକୁ ରାଜ୍ୟର ଏକ ଶ୍ରେଷ୍ଠ ଓ ପ୍ରଗତିଶୀଳ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ନିମନ୍ତେ ଅଙ୍ଗୀକାରବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟର ଅର୍ଥନୈତିକ ସାମାଜିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବା ସହ ରାଜ୍ୟରେ ସ୍ଥିର ସରକାର କାର୍ଯ୍ୟ କରୁଛି । ରାଜ୍ୟକୁ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ନିମନ୍ତେ ଆଗାମୀ ନିର୍ବାଚନରେ ଶାସକ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ନିମନ୍ତେ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଏହି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଯୁବ ମାନସର ପ୍ରତୀକ ଅଙ୍କିତ ପ୍ରତାପ ଜେନା ଯୋଗଦାନ କରି ମାହାଙ୍ଗାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ସଦା ସର୍ବଦା ଅଙ୍ଗୀକାରବଦ୍ଧ ବୋଲି ମତବ୍ୟକ୍ତ କରିବା ସହ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ ବିଜୟୀ କରିବା ନିମନ୍ତେ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ଏହି କର୍ମୀ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଜ୍ୟୋତି ପ୍ରକାଶ ସ୍ୱାଇଁ, ସରପଞ୍ଚ ଶୁଭ୍ରା ମହାନ୍ତି, ସମିତି ସଭ୍ୟା ଶୈଳପ୍ରଭା ଜଗଦେବ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ସମାଜସେବୀ ସୁରେନ୍ଦ୍ରନାଥ ଦାଶ, ବ୍ରଜମୋହନ ପଣ୍ଡା, ମୀନତି ସ୍ୱାଇଁ, ବନ୍ଦନାମୟୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ଲେଙ୍କା, ମିହିର କୁମାର ମିଶ୍ର, ଜିତେନ୍ଦ୍ର କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳକୁ ଜିତାଇବା ନିମନ୍ତେ ବଜ୍ର ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଜେପି କର୍ମୀ ରାମଚନ୍ଦ୍ର ଦାସ, ଦିଲୀପ କୁମାର ଦାସ, ସୁରେନ୍ଦ୍ରନାଥ ରାଉତ ପ୍ରମୁଖ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଥିଲେ । ବିଧାୟକ ଶ୍ରୀ ଜେନା ନବାଗତ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଆରୋଗ୍ୟ ପ୍ରଦାନକାରୀ ବ୍ୟବସ୍ଥା

## ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧି ପାଉଥିବା ବେଳେ ଜନସାଧାରଣଙ୍କ ଖର୍ଚ୍ଚ କ୍ରମାଗତ ଭାବେ କମୁଛି



**ଡକ୍ଟର ବିନୋଦ କେ ପଲ**
ନୀତି ଆୟୋଗର ସଦସ୍ୟ (ସ୍ୱାସ୍ଥ୍ୟ)

ଜାତୀୟ ସ୍ୱାସ୍ଥ୍ୟ ନୀତି (ଏନ୍‌ଏଚ୍‌ପି)-୨୦୧୭ରେ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବାର ସାର୍ବଜନୀନ ଉପଲବ୍ଧତା ପାଇଁ ପରିକଳ୍ପନା କରାଯାଇଛି । ୨୦୨୦-୨୧ ଏବଂ ୨୦୨୧-୨୨ ପାଇଁ ଅସ୍ଥାୟୀ ବଜେଟ୍ ଆକଳନ ସମେତ ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟ (ଏନ୍‌ଏଚ୍‌ଏ) ତଥ୍ୟରୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ବଢ଼ାଇବା ପାଇଁ ଦେଶର ପ୍ରତିବଦ୍ଧତା ସ୍ପଷ୍ଟ ହୋଇଛି ।

୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ଜିଡିପି ଅନୁପାତରେ ସରକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ (ଜିଏଚଇ) ୬୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୪-୧୫ରେ ଏହା ଜିଡିପିର ୧.୧୩ ପ୍ରତିଶତ ଥିବା ବେଳେ ୨୦୧୯-୨୦ରେ ଏହା ୧.୩୫ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଏହା ୨୦୨୦-୨୧ରେ ୧.୬୦ ପ୍ରତିଶତ ଓ ୨୦୨୧-୨୨ରେ ୧.୮୪ ପ୍ରତିଶତକୁ ବଢ଼ିଛି ।

ମୁଣ୍ଡପିଛା ହିସାବରେ ୨୦୧୪-୧୫ରୁ ୨୦୧୯-୨୦ ମଧ୍ୟରେ ଜିଏଚଇ ୧୧୦୮ ଟଙ୍କାରୁ ୨୦୧୪ ଟଙ୍କାକୁ ବୃଦ୍ଧି ପାଇଛି । ଏହି ଧାରା ଜାରି ରହିବା ସହିତ ୨୦୨୦-୨୧ରେ ମୁଣ୍ଡପିଛା ସରକାରୀ ଖର୍ଚ୍ଚ ୨,୩୨୨ ଟଙ୍କା ଏବଂ ୨୦୨୧-୨୨ରେ ୩,୧୫୬ ଟଙ୍କାରେ ପହଞ୍ଚିଛି, ଯାହା ଅସ୍ଥାୟୀ ଆକଳନ ଅନୁଯାୟୀ ୨୦୧୪-୧୫ର ସ୍ତରଠାରୁ ପ୍ରାୟ ତିନି ଗୁଣ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଧାରାରେ, ସରକାରୀ ଅନୁଦାନପ୍ରାପ୍ତ ବୀମା ବାବଦ ଖର୍ଚ୍ଚ ୨୦୧୩-୧୪ରେ ୪,୭୫୭ କୋଟି ଟଙ୍କା ଥିବାବେଳେ ୨୦୨୧-୨୨ରେ ଏହା ୪.୪ ଗୁଣ ବୃଦ୍ଧି ପାଇ ୨୦,୭୭୧ କୋଟି ଟଙ୍କାରେ ପହଞ୍ଚିଛି । ଏହା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି ପିଏମଜେଏୱାଇ) ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବୀମା / ବୀମା ଯୋଜନାରେ ବୃଦ୍ଧି ପାଉଥିବା ପୁଞ୍ଜି ନିବେଶକୁ ପ୍ରତିଫଳିତ କରୁଛି । ସ୍ୱାସ୍ଥ୍ୟ ଉପରେ ସାମାଜିକ ସୁରକ୍ଷା ଖର୍ଚ୍ଚର ଅଂଶ (ଯେଉଁଥିରେ ସରକାରୀ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ବୀମା, ସରକାରୀ କର୍ମଚାରୀଙ୍କୁ ଚିକିତ୍ସା କ୍ଷତିପୂରଣ ଏବଂ ସାମାଜିକ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ) ୨୦୧୪-୧୫ରେ ୫.୭ ପ୍ରତିଶତ ଥିବା ବେଳେ ୨୦୧୯-୨୦ରେ ଏହା ୯.୩ ପ୍ରତିଶତକୁ ବୃଦ୍ଧି ପାଇଛି ।

ମୋଟ୍ ସ୍ୱାସ୍ଥ୍ୟ ଖର୍ଚ୍ଚର ଅଂଶ ଭାବରେ ପକେଟ ବ୍ୟୟ (ଓଓପିଇ) ଅର୍ଥାତ ଜନସାଧାରଣ ଖର୍ଚ୍ଚ କରୁଥିବା ଟଙ୍କା ପରିମାଣ କ୍ରମାଗତ ହ୍ରାସ ଘଟିଛି । ୨୦୧୪-୧୫ରୁ ୨୦୧୯-୨୦ ମଧ୍ୟରେ ଏହା ୬୨.୬ ପ୍ରତିଶତରୁ ୪୭.୧ ପ୍ରତିଶତକୁ ହ୍ରାସ ପାଇଛି । ଅସ୍ଥାୟୀ ଏନଏଚଏ ଆକଳନ ଅନୁଯାୟୀ ଏହି ବ୍ୟୟର ଅଂଶ ୨୦୨୦-୨୧ରେ ୪୪.୪ ପ୍ରତିଶତ ଏବଂ ୨୦୨୧-୨୨ରେ ୩୯.୪ ପ୍ରତିଶତକୁ ଖସି ଆସିଛି । ଏହା ଦ୍ୱାରା ଲୋକଙ୍କୁ ବହୁତ ଆଶ୍ୱସ୍ତି ମିଳିଛି । କୋଭିଡ୍-୧୯ ମହାମାରୀ (୨୦୨୦-୨୧ ଏବଂ ୨୦୨୧-୨୨) ସମୟରେ ଉଗ୍ର ଭୂତାଣୁ ସାମ୍ନାରେ ଓଓପିଇ ହ୍ରାସ ପାଇବାରେ ଲାଗିଥିଲା, ଏଥିରୁ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସ୍ଥିରତା ସ୍ପଷ୍ଟ ହୋଇଥିଲା ।

ଓଓପିଇ ହ୍ରାସ ପାଇବା ଦ୍ୱାରା ଅନେକଗୁଡ଼ିଏ ସୁବିଧା ଜନସାଧାରଣଙ୍କୁ ମିଳିପାରୁଛି । ଏବି-ପିଏମଜେଏୱାଇ ହିତାଧିକାରୀଙ୍କୁ ଆଜି କର୍କଟ ସମେତ ଗମ୍ଭୀର ରୋଗ ପାଇଁ ଅସ୍ତ୍ରୋପଚାର ଏବଂ ଚିକିତ୍ସା ପାଇବା ପାଇଁ ସମ୍ପତ୍ତି ଋଣ କିମ୍ବା ବିକ୍ରି କରିବାକୁ ପଡୁନାହିଁ ।

ଜାତୀୟ ନମୁନା ସର୍ବେକ୍ଷଣ (୨୦୧୭-୧୮) ଅନୁଯାୟୀ ସରକାରୀ ସୁବିଧା, ବିଶେଷକରି ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସା ଏବଂ ସଂସ୍ଥାଗତ ପ୍ରସବ ବୃଦ୍ଧି ପାଇଛି । ମାଗଣା ଆମ୍ବୁଲାନ୍ସ ସେବା, ସୁଦୃଢ଼ ସରକାରୀ ମାଧ୍ୟମିକ ଓ ତୃତୀୟକ ସ୍ତରୀୟ ସେବା ଏବଂ ପ୍ରଧାନମନ୍ତ୍ରୀ ଜାତୀୟ ଡାଏଲିସିସ୍ କାର୍ଯ୍ୟକ୍ରମ (ଯାହା ଅଧୀନରେ ୨୦୧୬ ରୁ ୨.୫୯ କୋଟିରୁ ଅଧିକ ମାଗଣା ଡାଏଲିସିସ୍ କରାଯାଇଛି) ଆଦି ଓଓପିଇକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି ।

ଔଷଧ ଏବଂ ରୋଗ ନିଦାନ ପକେଟ ଖର୍ଚ୍ଚକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ୧,୬୯,୦୦୦ରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଏଏଏମ୍, ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର) ସମେତ ବିଭିନ୍ନ କେନ୍ଦ୍ରରେ ମାଗଣା ଔଷଧ ଏବଂ ଡାଇଗ୍ନୋଷ୍ଟିକ ସେବା ଦ୍ୱାରା ସାଧାରଣ ପରିବାରଗୁଡ଼ିକ ପାଇଁ ବଡ଼ ଆର୍ଥିକ ସଞ୍ଚୟ ହୋଇଛି । ଏଏଏମ ଉପକେନ୍ଦ୍ର ଗୁଡ଼ିକରେ ୧୦୫ଟି ଔଷଧ ଓ ୧୪ଟି ରୋଗ ନିଦାନ ପରୀକ୍ଷା ସୁବିଧା ମାଗଣାରେ ଦିଆଯାଉଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏଏଏମରେ ୧୭୨ଟି ଔଷଧ ଓ ୬୩ଟି ରୋଗ ନିଦାନ ପରୀକ୍ଷା ମାଗଣାରେ ଯୋଗାଇ ଦେବାକୁ ବାଧ୍ୟତାମୂଳକ କରାଯାଇଛି । ଏଏଏମ୍‌ରେ ବାଧ୍ୟତାମୂଳକ ଅଣସଂକ୍ରାମକ ରୋଗର ପ୍ରାରମ୍ଭିକ ସ୍କ୍ରିନିଂ ଓ ମାଗଣା ଚିକିତ୍ସା, ସୁସ୍ଥ ଜୀବନ ଅବଧିକୁ ଲମ୍ବା କରିବ ଏବଂ ସେମାନଙ୍କ ଭବିଷ୍ୟତର ଗୁରୁତର ଜୀବନ ଘାତକ ଜଟିଳତାର ଚିକିତ୍ସା ନିମନ୍ତେ ଅକସ୍ମାତ ହେଉଥିବା ଖର୍ଚ୍ଚକୁ ଏଡ଼ାଇପାରିବ ।

ଆଜି ୧୦ ହଜାରରୁ ଅଧିକ ଜନଔଷଧି କେନ୍ଦ୍ର ମାଧ୍ୟମରେ ପ୍ରାୟ ସବୁ ଜିଲ୍ଲାରେ ୧୯୦୦ରୁ ଅଧିକ ଗୁଣାତ୍ମକ ଜେନେରିକ ଔଷଧ ଓ ପ୍ରାୟ ୩୦୦ ସର୍ଜିକାଲ ସାମଗ୍ରୀ କମ୍ ମୂଲ୍ୟରେ ବିକ୍ରି ହେଉଛି । ଆକଳନରୁ ଜଣାପଡ଼ିଛି ଯେ ୨୦୧୪ରୁ ଏହି ଯୋଜନା ଦ୍ୱାରା ଉପଭୋକ୍ତାଙ୍କର ୨୮,୦୦୦ କୋଟି ଟଙ୍କା ସଞ୍ଚୟ ହୋଇଛି । ସେହିପରି କରୋନାରୀ ଷ୍ଟେଣ୍ଟ, ଅସ୍ଥିଶଲ୍ୟ ଆଣ୍ଠୁ ପ୍ରତିରୋପଣ, କର୍କଟ ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ନିୟନ୍ତ୍ରଣ ଦ୍ୱାରା ଲୋକଙ୍କୁ ବାର୍ଷିକ ୨୭ ହଜାର କୋଟି ଟଙ୍କା ସଞ୍ଚୟ ହୋଇଛି ।

ଆର୍ଥିକ ସର୍ବେକ୍ଷଣରେ ମଧ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବ୍ୟୟ ବୃଦ୍ଧି ପାଉଥିବା ଦର୍ଶାଯାଇଛି । ଜିଡିପିର ଅଂଶ ଭାବରେ ଏହା ୨୦୨୦-୨୧ ଆର୍ଥିକ ବର୍ଷରେ ୧.୬ ପ୍ରତିଶତ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ୨.୨ ପ୍ରତିଶତ ଥିଲା (ସଂଶୋଧିତ ଆକଳନ ମୁତାବକ) । ସ୍ୱାସ୍ଥ୍ୟ ସେବା ଓ ସାମଗ୍ରୀ ଉପରେ ବ୍ୟୟ ବ୍ୟତୀତ ଆର୍ଥିକ ସର୍ବେକ୍ଷଣର ଆକଳନରେ ସ୍ୱାସ୍ଥ୍ୟ, ବିଶେଷକରି ଜଳ ଯୋଗାଣ ଏବଂ ପରିମଳର ଗୁରୁତ୍ୱପୂର୍ଣ୍ଣ ସାମାଜିକ ନିର୍ଣ୍ଣାୟକ ଉପରେ ଖର୍ଚ୍ଚକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ବିଶୁଦ୍ଧ ପାନୀୟ ଜଳ ଏବଂ ପରିମଳ ସ୍ୱାସ୍ଥ୍ୟ ଉପରେ ଉଲ୍ଲେଖନୀୟ ସକାରାତ୍ମକ ପ୍ରଭାବ ପକାଇଥାଏ । ୨୦୧୯ରେ ଜଳ ଜୀବନ ମିଶନ ଆରମ୍ଭ ହେବାବେଳକୁ ମାତ୍ର ୧୭ ପ୍ରତିଶତ ଗ୍ରାମୀଣ ପରିବାର ପାଖରେ ଟ୍ୟାପ୍ ଯୋଗେ ଜଳଯୋଗାଣ ସୁବିଧା ଉପଲବ୍ଧ ଥିଲା । ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୬ ପ୍ରତିଶତ ଲୋକଙ୍କ ପାଖରେ ଘରୋଇ ଟ୍ୟାପ୍ ପାଣି ସଂଯୋଗ କାର୍ଯ୍ୟକ୍ଷମ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟ ଅନୁଯାୟୀ, ପ୍ରତ୍ୟେକ ଗ୍ରାମୀଣ ପରିବାର ନିକଟରେ ଟ୍ୟାପ୍ ଜଳ ଉପଲବ୍ଧ ହେଲେ ଏହା ପାଞ୍ଚ ବର୍ଷ ମଧ୍ୟରେ ୪ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇପାରିବ । ସେହିପରି ଡବ୍ଲ୍ୟୁଏଚ୍‌ଓ ଆକଳନ କରିଛି ଯେ ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍) ଗ୍ରାମୀଣ କାର୍ଯ୍ୟକାରୀ ହେବା ଫଳରେ ଭାରତର ଗ୍ରାମାଞ୍ଚଳ ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ) ହୋଇପାଇଛି । ୨୦୧୪ରୁ ଅକ୍ଟୋବର ୨୦୧୯ ମଧ୍ୟରେ ୩,୦୦,୦୦୦ରୁ ଅଧିକ ମୃତ୍ୟୁ (ଡାଇରିଆ ଏବଂ ପ୍ରୋଟିନ୍-ଶକ୍ତି କୁପୋଷଣ କାରଣରୁ) ଟଳିପାରିଛି ।

ଜନସ୍ୱାସ୍ଥ୍ୟ ଖର୍ଚ୍ଚରେ ବୃଦ୍ଧି ପାଉଥିବା ଧାରା ଏବଂ ଓଓପିଇରେ କ୍ରମାଗତ ହ୍ରାସ ସହିତ ସ୍ୱାସ୍ଥ୍ୟସେବା ଉପରେ ଜିଏଚଇ ଏବଂ ସାମାଜିକ ସୁରକ୍ଷା ଯୋଜନାର ଅଂଶ ବୃଦ୍ଧି ପାଇବା ଦ୍ୱାରା ଦେଶ ଏକ ବ୍ୟାପକ ପ୍ରଗତିଶୀଳ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବାର ସଙ୍କେତ ମିଳୁଛି । ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ମେଡିକାଲ କଲେଜ ଏବଂ ନୂତନ ଏମ୍ସ ପ୍ରତିଷ୍ଠା ଲକ୍ଷ୍ୟରେ), ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଭିତ୍ତିଭୂମି ମିଶନ ଏବଂ ଜରୁରୀକାଳୀନ ମୁକାବିଲା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରସ୍ତୁତି ପ୍ୟାକେଜ (ଶିଶୁ ଏବଂ ବୟସ୍କଙ୍କ ପାଇଁ ଆଇସିୟୁ ଚିକିତ୍ସା ବିକାଶ ଉଦ୍ଦେଶ୍ୟରେ) ଭଳି ବିଭିନ୍ନ ଯୋଜନା ଅଧୀନରେ ଭିତ୍ତିଭୂମି ସହାୟତା ନିମନ୍ତେ ପାଣ୍ଠି ଯୋଗାଣ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରୁଛି । ଏହାବ୍ୟତୀତ ପଞ୍ଚଦଶ ଅର୍ଥ ଆୟୋଗଙ୍କ ଅନୁଦାନ (୭୦,୦୦୦ କୋଟି ଟଙ୍କା) ଅଧୀନରେ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଦିଆଯାଉଥିବା ସ୍ୱାସ୍ଥ୍ୟ ପାଣ୍ଠି ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିନିଯୋଗ କରାଯାଉଛି ।

ନିକଟ ଭବିଷ୍ୟତରେ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରସାରକୁ ବାସ୍ତବ ରୂପ ଦେବା ପାଇଁ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ସଂସ୍କାର-ପ୍ରଦର୍ଶନ-ରୂପାନ୍ତର ପଥରେ ଗତି କରୁଛି । ଏହି ପ୍ରୟାସରେ, ସ୍ୱାସ୍ଥ୍ୟ ପାଇଁ ସରକାରୀ ପାଣ୍ଠି ବୃଦ୍ଧି ଏବଂ ଓଓପିଇ ଚାପ ହ୍ରାସର ସାମ୍ପ୍ରତିକ ଧାରା ସଠିକ ମାର୍ଗରେ ଅଛି ।

# ନିର୍ବାଚନକୁ ନେଇ ପୂର୍ବାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା

**ଜଗତସିଂହପୁର,ନ୍ୟୁଜ୍‌ବ୍ୟୁରୋ**



ନିର୍ବାଚକୁ ନେଇ ଅବାଧ, ଶାନ୍ତିପୂର୍ଣ୍ଣ ଓ ମୁକ୍ତ ଭାବେ ସମ୍ପାଦନ କରିବା ପାଇଁ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ସମୀକ୍ଷା ବୈଠକ କଲେ ପୂର୍ବାଞ୍ଚଳ କମିଶନର ରଞ୍ଜନ କୁମାର ଦାସ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ଏବଂ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ନିର୍ବାଚନ ପ୍ରସ୍ତୁତି, ବିଭିନ୍ନ ବୁଥ୍‌ଗୁଡିକରେ ଆବଶ୍ୟକୀୟ ସୁବିଧା ସୁଯୋଗ ତଥା ନିର୍ବାଚନ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ନେଇ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ ଜିଲ୍ଲାପାଳ।

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଲ୍ଲାରେ ୧୦୫୧ ବୁଥରେ ଆବଶ୍ୟକୀୟ ସୁବିଧାସୁଯୋଗ ଉପଲବ୍ଧ ନେଇ ସେ ଜିଲ୍ଲାପାଳଙ୍କୁ ପଚାରି ବୁଝିଥିଲେ। ଏଥିସହ ସମସ୍ତ ବୁଥ୍‌ରେ ବିଦ୍ୟୁତିକରଣ, ପାନୀୟଜଳ, ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ଶୌଚାଳୟ, ଖରାରୁ ରକ୍ଷା ପାଇବା ପାଇଁ ଶେଡ଼, ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଆମ୍ବୁଲାନ୍ସ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର। ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ନିମନ୍ତେ ଭୋଟ ସାମଗ୍ରୀ ବିତରଣ କେନ୍ଦ୍ର ନିକଟରେ ଥଣ୍ଡା ପାନୀୟ, ଚା' ଜଳଖିଆ ଦୋକାନ ଆଦି ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ମଧ୍ୟ ଦେଇଥିଲେ। ସଖୀ ବୁଥ୍‌ଗୁଡ଼ିକରେ ନିୟୋଜିତ ମହିଳା ଅଧିକାରୀମାନଙ୍କ ସୁବିଧା ସୁଯୋଗ ସହ ସୁରକ୍ଷା ନିମନ୍ତେ ମହିଳା ପୋଲିସ ଅଧିକାରୀ ମୁତୟନ କରିବା ଦିଗରେ ଗୁରୁତ୍ୱ ଆରୋପ କରିବା ସହ ଆରକ୍ଷୀ ଅଧୀକ୍ଷକଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ କହିଥିଲେ। ଜିଲ୍ଲାରେ ଭୋଟରମାନଙ୍କ ସଂଖ୍ୟାକୁ ସମୀକ୍ଷା କରିବା ସହ ଏସ୍‌ଭିଇଇପି ଅନ୍ତର୍ଗତ ଭୋଟର ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ପୋଲିସ ଫ୍ଲାଗ୍ ମାର୍ଚ୍ଚ, ଭେଇକିଲ ରିକ୍ୱିଜିସନ, ଶାନ୍ତି ଶୃଙ୍ଖଳା ରକ୍ଷା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ନିର୍ବାଚନର ସୁପରିଚାଳନା ନିମନ୍ତେ କର୍ତ୍ତବ୍ୟରତ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଶେଷରେ ସମସ୍ତ ରିଟର୍ଣ୍ଣିଙ୍ଗ ଅଫିସର ଓ ସହକାରୀ ରିଟର୍ନିଙ୍ଗ ଅଫିସର ମାନଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାକୁ ଭଲଭାବେ ପଢି ସେହି ଅନୁଯାୟୀ କାର୍ଯ୍ୟ କରି ସ୍ୱଚ୍ଛ, ଅବାଧ ଓ ସଫଳତାର ସହ ଏହାକୁ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା ।

ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ଜିଲ୍ଲା ରେ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ବିଭାଗର ବ୍ୟାପକ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ବୈଠକରେ କମିଶନର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଡେପୁଟି କଲେକ୍ଟର ସୁଦର୍ଶନ ଗୁରୁ, ଡିପିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

ଜିଲ୍ଲାରେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ଯାହାର ଟୋଲ ଫ୍ରି ନମ୍ବର ୧୦୭୭ ରହିଛି ସେ ବିଷୟରେ ଅବଗତ କରାଯାଇଥିଲା। ସୂଚନା ଓ ପ୍ରସାରଣ ମାଧ୍ୟମରେ ଗ୍ରୀଷ୍ମ ପ୍ରବାହ ସମୟରେ କ'ଣ କରିବା ଉଚିତ୍ ଓ ଅନୁଚିତ ସେ ବିଷୟରେ ଲିଫ୍‌ଲେଟ୍ ବଣ୍ଟନ, ପାନୀୟଜଳ ଅସୁବିଧା ଥିବା ବାଲିକୁଦା, କୁଜଙ୍ଗ, ଏରସମା ବ୍ଲକର ୬୨ଟି ଗ୍ରାମରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ଗ୍ରୀଷ୍ମ ପ୍ରବାହ ସମୟରେ ଜିଲ୍ଲାର ବିଦ୍ୟୁତ ବିଭ୍ରାଟର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ।

# ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ରଣଜୀତ୍ ମାଝୀଙ୍କୁ ଶାମ୍ଭବୀ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରଣଜୀତ୍ ମାଝୀଙ୍କୁ 'ଶାମ୍ଭବୀ ପୁରସ୍କାର ୨୦୨୪'ରେ ସମ୍ମାନିତ କରାଯାଇଛି। ଏହାସହିତ ଜୀବନଜୀବିକା ଓ ଆତ୍ମନିର୍ଭରଶୀଳତା ଦିଗରେ ତୃଣମୂଳସ୍ତରରେ ମହିଳାମାନଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ନିମନ୍ତେ ସସ୍ମିତା ମଙ୍ଗରାଜଙ୍କୁ ଜୁରୀ ପ୍ରଶଂସାପତ୍ର ଦ୍ୱାରା ସମ୍ମାନିତ କରାଯାଇଛି।

ଏହି ଅବସରରେ ମହାରାଷ୍ଟ୍ର ସ୍ଥିତ ମନ୍ ଦେଶୀ ବ୍ୟାଙ୍କ୍ ତଥା ମନ୍ ଦେଶୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଚେତନା ସିହ୍ନା ମୁଖ୍ୟ ଅତିଥି ଏବଂ ୪୨ତମ ଉପ-ସେନା ପ୍ରମୁଖ ତଥା ଦିଲ୍ଲୀ ସ୍ଥିତ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲର ସଦସ୍ୟ ଲେଫ୍ଟେନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥାମନ୍ ଦେଶୀ ବ୍ୟାଙ୍କ୍ ତଥା ମନ୍ ଦେଶୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଚେତନା ସିହ୍ନା କହିଛନ୍ତି ଯେ, 'ପ୍ରକୃତ ପରିବର୍ତ୍ତନ ଏକ ସାହସିକ ପଦକ୍ଷେପ ସହିତ ଆରମ୍ଭ ହୋଇଥିବାବେଳେ ଏହି ବିନମ୍ର ନାୟକମାନଙ୍କ ଛୋଟିଆ ସାହସିକ ପଦକ୍ଷେପ ଗରିବ ଓ ବଞ୍ଚିତ ଲୋକମାନଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି। ଆମେ ଏହି ବିନମ୍ର ନାୟକମାନଙ୍କୁ ସମ୍ମାନିତ କରିବା ଅବସରରେ ସାମାଜିକ ପରିବର୍ତ୍ତନର ଧାରା ଯୋଗୁଁ ସୃଷ୍ଟି ହୋଇଥିବା ଆଶାର ଏକ କିରଣ ଓ ସଶକ୍ତିକରଣ ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ସ୍ତୁତିଚାରଣ କରିବା।'

ସେହିପରି ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍‌ର ସିଇଓ ଏବଂ ଟ୍ରଷ୍ଟି ତଥା ଇମ୍ଫା ସିଏସ୍ଆର (ସ୍ପେସିଆଲ ଇନିସିଏଟିଭ)ର ମୁଖ୍ୟ ଶୈଫାଳିକା ପଣ୍ଡା କହିଛନ୍ତି ଯେ, 'ବଞ୍ଚିତ ଲୋକମାନଙ୍କ ସେବା କରିବା ଓ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରଭାବୀ ପଦକ୍ଷେପ ନେବା ଆମର ଦାୟିତ୍ୱ।

ଏହି ଅବସରରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ୪୨ତମ ଉପ-ସେନା ପ୍ରମୁଖ ତଥା ଦିଲ୍ଲୀ ସ୍ଥିତ ସଶସ୍ତ୍ର ବାହିନୀ ଟ୍ରିବ୍ୟୁନାଲର ସଦସ୍ୟ ଲେଫ୍ଟେନାଣ୍ଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି କହିଛନ୍ତି ଯେ, 'ସାମାଜିକ ପରିବର୍ତ୍ତନକାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିବା ଅବସରରେ ଆମେ ଗୋଷ୍ଠୀମାନଙ୍କ ଉତ୍‌ଥାନ ଓ ସକରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବା ପାଇଁ କଠିନ ପରିଶ୍ରମ କରୁଥିବା ଏହି ଲୋକମାନଙ୍କ ସ୍ଥିରତା ଓ ପ୍ରତିବଦ୍ଧତାକୁ ମଧ୍ୟ ସମ୍ମାନ ଜଣାଇବା ଉଚିତ।'

# ଭିଜିଲାନ୍ସ ଜାଲରେ ପଡ଼ିଲେ ଯନ୍ତ୍ରୀ ଓ କିରାଣି

**କଟକ/କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**




ଝାରସୁଗୁଡ଼ା ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର ଜଣେ ଠିକାଦାରଙ୍କଠାରୁ ବିଲ୍ ପାସ୍ କରିବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ରବୀନ୍ଦ୍ର ପାତ୍ରଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ନିକଟରୁ ରଙ୍ଗ ବୋଳା ଟଙ୍କା ଜବତ କରିଛି। ଏହି ଘଟଣା ପରେ ରବୀନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟ ସମେତ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ଭିଜିଲାନ୍ସ ବିଭାଗ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ ଆରମ୍ଭ କରିଛି।

ସେହିପରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଚକବନ୍ଦୀ କମିଶନର କାର୍ଯ୍ୟାଳୟର କନିଷ୍ଠ କିରାଣି। ଜମିଜମା ସମ୍ପର୍କିତ ମାମଲାର ରଫାଦଫା କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା କନିଷ୍ଠ କିରାଣୀ ଜିତେନ୍ଦ୍ର ସେନାପତିଙ୍କୁ ମାଡି ବସିଲା ଭିଜିଲାନ୍ସ। ତାଙ୍କ ଠାରୁ ଟଙ୍କା ଜବତ କରିବା ସହ ଜିତେନ୍ଦ୍ରଙ୍କୁ ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆଣାଯାଇ ପଚରାଉଚରା କରାଯାଉଛି। ଜିତେନ୍ଦ୍ର ସଦର ଥାନା ଅନ୍ତର୍ଗତ ଠାକୁର ପାଟଣା ଗାଁରେ ରହୁଥିବା ଭଡ଼ା ଘରେ ଓ ପୈତୃକ ଘର ତାଳସଙ୍ଗାରେ ଭିଜିଲାନ୍ସ ବିଭାଗର ଦୁଇଟି ଟିମ୍ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମସୁନ୍ଦରପୁରର ଗାୟତ୍ରୀ ମିଶ୍ରଙ୍କ ଏକ ଜମିଜମା ସମ୍ପର୍କିତ ମାମଲା କୋର୍ଟରେ ଚାଲିଥିଲା। ଏହାର ରଫାଦଫା କରିବା ପାଇଁ ଲାଞ୍ଚ ମାଗିଥିଲେ କନିଷ୍ଠ କିରାଣି ଜିତେନ୍ଦ୍ର ସେନାପତି। ଏନେଇ ଗାୟତ୍ରୀ କଟକ ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର କେନ୍ଦ୍ରାପଡ଼ା ଭିଜିଲାନ୍ସ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣଙ୍କ ନେତୃତ୍ୱରେ ଏକ ଛ'ଜଣିଆ ଟିମ୍ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ ମଧ୍ୟରେ ଛକି ରହିଥିଲେ। ଅଭିଯୋଗ କାରୀ ମହିଳାଙ୍କ ଠାରୁ ଜିତେନ୍ଦ୍ର ସେନାପତି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଥିଲା ଭିଜିଲାନ୍ସ। ଭିଜିଲାନ୍ସ ଦ୍ୱାରା ଅଭିଯୋଗକାରିଣୀଙ୍କୁ ଦିଆ ଯାଇଥିବା ୨୦ଟି ୫୦୦ ଟଙ୍କିଆ ନୋଟ୍‌କୁ ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଏହାପରେ ତାଙ୍କୁ ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରା ଯାଉଛି। ଏଥିସହ ଜିତେନ୍ଦ୍ର ଭଡ଼ାରେ ରହୁଥିବା ସଦର ଥାନା ଅନ୍ତର୍ଗତ ଠାକୁର ପାଟଣା ଗାଁରେ ଓ ପୈତୃକ ଘର ତାଳସଙ୍ଗାରେ ଭିଜିଲାନ୍ସ ବିଭାଗର ଦୁଇଟି ଟିମ୍ ଚଢ଼ଉ ଜାରି ରହିଛି ।

# ନାମାଙ୍କନ ପ୍ରକ୍ରିୟା ଉପରେ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**




ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ଚଳିତ ମେ' ୭ ତାରିଖରେ ବିଜ୍ଞପ୍ତି/ନୋଟିଫିକେସନ୍ ଆରମ୍ଭ ହେବ। ନାମାଙ୍କନ ଦାଖଲ ପାଇଁ ମେ' ୧୪ ଅନ୍ତିମ ତାରିଖ ହୋଇଥିବା ବେଳେ ମେ' ୧୫ ତାରିଖରେ ନୋମିନେସନ ଯାଞ୍ଚ୍ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ନୋମିନେସନ ସମୟରେ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି 'ନୋମିନେସନ୍ ଦାଖଲ ସମୟରେ ସମସ୍ତ ରିଟର୍ଣ୍ଣିଂ ଅଫିସର୍ ଓ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ହେବ। ତ୍ରୁଟିଶୂନ୍ୟ ଓ ବିବାଦଶୂନ୍ୟ ନୋମିନେସନ୍ ପ୍ରୋସେସ୍ ପାଇଁ ଜିଲ୍ଲା ପ୍ରଶାସନକୁ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ। କାହାର ପ୍ରାର୍ଥିତ୍ୱକୁ ରଦ୍ଦ କରିବା ଆମର ଲକ୍ଷ୍ୟ ନୁହେଁ, ମାତ୍ର ଅସମ୍ପୂର୍ଣ୍ଣ ଫର୍ମ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।' ନୋମିନେସନ ଦାଖଲ ପାଇଁ ସମୟ ଦିନ ୧୧ରୁ ୩ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇଛି। ୩ଟା ପରେ କୌଣସି ପରିସ୍ଥିତିରେ ନୋମିନେସନ୍ ଦାଖଲ ଗ୍ରହଣୀୟ ନୁହେଁ। ୩୬୦ ଡିଗ୍ରୀ ସିସିଟିଭି କଭରେଜ୍ ଭିତରେ ନୋମିନେସନ ରୁମ୍ ରହିବ। ନାମାଙ୍କନ ପ୍ରକିୟାର ସମସ୍ତ କାର୍ଯ୍ୟକଳାପର ଭିଡିଓଗ୍ରାଫି କରାଯିବ। ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟର ୧୦୦ ମିଟର ପରିସୀମା ମଧ୍ୟକୁ ୩ଟିରୁ ଅଧିକ ଗାଡ଼ି ଆସିପାରିବ ନାହିଁ। ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୫ଜଣ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବାର ଅନୁମତି ପାଇପାରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଏପିଡି ଦୟାସିନ୍ଧୁ ପରିଡ଼ା, ସମସ୍ତ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର୍ ଏବଂ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।

# ମତଦାନ କେନ୍ଦ୍ରରେ ରହିବେ ସ୍ୱାସ୍ଥ୍ୟ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ସ୍ୱାସ୍ଥ୍ୟ ବିଭାଗ। ମତଦାନ ସମୟରେ ପର୍ଯ୍ୟାପ୍ତ ପରିମାଣର ଔଷଧ ସହ ମତଦାନ କେନ୍ଦ୍ରରେ ରହିବେ ସ୍ୱାସ୍ଥ୍ୟ ଅଧିକାରୀ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ନିର୍ବାଚନ ତାତି ବଢିବାରେ ଲାଗିଛି। ଆଗକୁ ଆହୁରି ଗ୍ରୀଷ୍ମ ପ୍ରବାହ ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।ତେବେ ସାଧାରଣ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଛି ଅନେକ ପଦକ୍ଷେପ। କିଭଳି ମତଦାନ ବେଳେ ଗ୍ରୀଷ୍ମ ପ୍ରବାହ ଜନିତ ସ୍ୱାସ୍ଥ୍ୟଗତ ପରିସ୍ଥିତିକୁ ହ୍ରାସ କରାଯିବ ନେଇ ନିଷ୍ପତ୍ତି ନେଇଛି ସ୍ୱାସ୍ଥ୍ୟ ବିଭାଗ। ନାମାଙ୍କନଠାରୁ ଆରମ୍ଭ କରି ମତଦାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପାଇଁ ଜଣେ ପାରାମେଡିକାଲ୍ କର୍ମଚାରୀ, ଆବଶ୍ୟକୀୟ ଔଷଧ ସମେତ ସ୍ୱାସ୍ଥ୍ୟ କର୍ମୀମାନେ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବେ। ମତଦାନ କେନ୍ଦ୍ରରେ ଜଣେ ଲେଖାଁଏ ଡାକ୍ତର, ପାରାମେଡିକାଲ୍ କର୍ମଚାରୀ ନିୟୋଜିତ କରାଯିବ। ଭୋଟର ଏବଂ ମତଦାନ କର୍ମଚାରୀଙ୍କୁ ଅଂଶୁଘାତରୁ ରକ୍ଷା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହା ସହ ଜରୁରୀକାଳୀନ କଲ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଏନେଇ ଜଣେ ଆୟୁଷ ଡାକ୍ତର, ଜଣେ ପାରାମେଡିକାଲ୍ କର୍ମଚାରୀଙ୍କ ସମେତ ମୋବାଇଲ୍ ହେଲ୍ଥ ୟୁନିଟ୍ ମଧ୍ୟ କାର୍ଯ୍ୟ କରିବ। ଏମାନଙ୍କୁ ସମସ୍ତ ବ୍ଲକ ସ୍ତରରେ ନିୟୋଜିତ କରାଯିବ। ଏହା ସହ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ଲେଖାଁଏ ଗ୍ରାମ ସ୍ତରର କର୍ମୀମାନଙ୍କୁ ନିୟୋଜିତ କରାଯିବ। ସେହିପରି ଭାବରେ ସମସ୍ତ ଜିଲ୍ଲାପାଳଙ୍କ ପରାମର୍ଶରେ ସମସ୍ତ ସିଡିଏମଓ, ପିଏଚଓ ଏବଂ ସ୍ଥାନୀୟ ଆଶାକର୍ମୀ, ପାରାମେଡିକାଲ ସମେତ ସ୍ୱାଛା ସେବୀମାନଙ୍କୁ ନିୟୋଜିତ କରାଯିବ। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ମତଦାନ କେନ୍ଦ୍ର ସ୍ଥାନ ପାଇଁ ତାଲିମ ପ୍ରାପ୍ତ ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ମାନେ ନିୟୋଜିତ ହେବେ। ତେବେ ଆବଶ୍ୟକ ଲଜିଷ୍ଟିକ୍ସ, ଓଆରଏସ ସମେତ ପାନୀୟ ଜଳ ଆଦି ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସାଧାରଣ ନିର୍ବାଚନକୁ ସୁଗମ ପରିଚାଳନା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ରାଜ୍ୟରେ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ସମସ୍ତ ଦିଗକୁ ନଜର ରଖିଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ମଇ ୧୩ ତାରିଖ, ଦ୍ୱିତୀୟ ମଇ ୨୦ ତାରିଖ, ତୃତୀୟ ୨୫ ତାରିଖ ଏବଂ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଜୁନ ୧ ତାରିଖରେ ହେବ। ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଦୁବାଇରୁ ଆସିଥିବା ହରିଣ ସିଙ୍ଗ ବିମାନବନ୍ଦରରୁ ଜବତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିମାନ ବନ୍ଦରରୁ ଜବତ ହେଲା ୩ଟି ହରିଣ ସିଙ୍ଗ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩ଟି ହରିଣ ସିଙ୍ଗ ଜବତ ହୋଇଛି। ସନ୍ଧ୍ୟା ସମୟରେ ଦୁବାଇରୁ ଭୁବନେଶ୍ୱର ବିମାନ ଯୋଗେ ଆସୁଥିବା ଜଣେ ଯୁବକଙ୍କ ଠାରୁ ଧରାପଡ଼ିଛି ଏହି ହରିଣ ସିଙ୍ଗ। ଖବର ପାଇ ଭୁବନେଶ୍ୱର ବିମାନ ବନ୍ଦରରୁ କଷ୍ଟମ ବିଭାଗ ଉକ୍ତ ଯୁବକ ଜଣଙ୍କଠାରୁ ଏହି ସିଙ୍ଗ ଜବତ କରିବା ସହ ଯୁବକ ଜଣଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଏହି ଘଟଣା ପରେ କଷ୍ଟମ ବିଭାଗ ଫରେଷ୍ଟ ଅଧିକାରୀଙ୍କୁ ବିମାନ ବନ୍ଦରରେ ଜବତ ହୋଇଥିବା ହରିଣ ସିଙ୍ଗକୁ ପରୀକ୍ଷା ନିରୀକ୍ଷା ପାଇଁ ପଠାଇଥିଲେ । ସିଟି ଫରେଷ୍ଟ ଅଧିକାରୀ ଏହାର ପରୀକ୍ଷା ପରେ ଏହାକୁ ଅସଲି ହରିଣ ସିଙ୍ଗ ବୋଲି ଚିହ୍ନଟ କରିଥିଲା। ଉକ୍ତ ଯୁବକଙ୍କର ଘର ପୁରୀ ଜିଲ୍ଲାରେ ହୋଇଥିବା ବେଳେ ତାଙ୍କ ବୟସ ୩୬ ବର୍ଷ ବୋଲି ଜଣାପଡ଼ିଛି । ତାଙ୍କ ପଖରୁ ଜବତ ହୋଇଥିବା ତିନୋଟି ସିଙ୍ଗର ଲମ୍ବ ୪୦ ସେଣ୍ଟି ମିଟର, ୩୮ ସେଣ୍ଟି ମିଟର ଏବଂ ୩୧ ସେଣ୍ଟି ମିଟର ରହିଥିବା ସୂଚନା ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀଙ୍କ...

ବିରୋଧୀ ଦଳର ନେତାମାନେ ଓଡ଼ିଶାର ସବୁ ବିକାଶ କାମକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ମତ ଦେଇ ସେ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି ସବୁ ସଶକ୍ତିକରଣ ଯୋଜନାକୁ ବନ୍ଦ କରିବାକୁ ବିଧିବଦ୍ଧ ଯୋଜନା ଚଳାଇଛନ୍ତି । ମା' ମାନେ ଦୁବାଇ ଯାଉଥିଲେ ତାଙ୍କର କ'ଣ ଅସୁବିଧା ହେଲା, ? ସେମାନଙ୍କ ଦୁବାଇ ଯିବା କାହିଁକି ବନ୍ଦ କଲେ ? ସଭାରେ ଲୋକଙ୍କ ବିଶାଳ ଉପସ୍ଥିତିକୁ ଲକ୍ଷ୍ୟ କରି ସେ କହିଲେ ଯେ, ବିରୋଧୀଙ୍କୁ ମୁଁ ଆହ୍ୱାନ କରୁଛି, ସେମାନେ ଆସନ୍ତୁ, ଦେଖନ୍ତୁ ନବୀନ ବାବୁଙ୍କ ପ୍ରତି ଲୋକଙ୍କର କିପରି ଜନ ସମର୍ଥନ ଅଛି, କିପରି ଭଲ ପାଇବା ଅଛି ଏତେ ଖରାରେ ମଧ୍ୟ ମା ମାନଙ୍କ ବିଶାଳ ଜନସମୁଦ୍ର ବିରୋଧୀଙ୍କ ନିଦ ହଜେଇ ଦେଇଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ ନବୀନ ସରକାର ହେଉଛି ସାଢେ ଚାରି କୋଟି ଓଡ଼ିଆଙ୍କ ସରକାର। ନବୀନ ସରକାର ହେଉଛି ମା' ମାନଙ୍କ ସରକାର, ଯୁବପିଢିର ସରକାର। ସମସ୍ତଙ୍କ ସରକାର ୫୦ ହଜାର ମାର୍ଜିନ୍‌ରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସଭାରେ ଅଭିମତ ରଖି ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ କହିଲେ ଯେ ଓଡିଆ ଅସ୍ମିତାର ପରିଚୟ ହେଉଛନ୍ତି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ। ନବୀନ ପଟ୍ଟନାୟକ ଆଜି ମହାପ୍ରଭୁଙ୍କ ପୀଠ ଠାରୁ ଆରମ୍ଭ କରି ଗାଁ ଗହଳିର ସବୁ ଧର୍ମ ପୀଠର ରୂପାନ୍ତର କରିଛନ୍ତି । ଏ ହେଉଛି ଓଡିଶାର ଅସ୍ମିତାର ସୁରକ୍ଷା, ଆଉ କାହାର ଓଡିଆ ଅସ୍ମିତା ପାଇଁ ଚିନ୍ତା କରିବା ଆବଶ୍ୟକ ନାହିଁ । ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି ସବୁବେଳେ ଆମକୁ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତାଙ୍କ ନିର୍ଦ୍ଦେଶରେ ମୁଁ ସବୁ ଜାଗାରେ ହିସାବ ଦେଉଛି। ଆପଣମାନଙ୍କୁ ମଧ୍ୟ ହିସାବ ଦେବି । ନିର୍ବାଚନ ପରେ ମଧ୍ୟ ହିସାବ ଦିଆଯିବ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୬୦ କୋଟି ଟଙ୍କାର କାମ ଚାଲିଛି। ଜଗନ୍ନାଥ ମନ୍ଦିର, ମା ବ୍ୟାଘ୍ରଦେବୀ ମନ୍ଦିର ପାଇଁ ୧ କୋଟି ୮୦ ଲକ୍ଷ, ଧବଳେଶ୍ୱର ମନ୍ଦିର ପାଇଁ ୧.୧୦ କୋଟି, ୧୨୦ଟି ମନ୍ଦିର, ମସ୍‌ଜିଦ, କମ୍ୟୁନିଟି ସେଣ୍ଟର ବିକାଶ ପାଇଁ ୫.୫୦ କୋଟି, ଋଷିକୂଲ୍ୟା ନଦୀର ନୂଆ ଗାଁ ଡିଷ୍ଟ୍ରିବ୍ୟୁଟାରି ପାଇଁ ୮୦ କୋଟି, ଡୋଲପିଟା ନଦୀଗର୍ଭ ଜଳାଶ୍ରୟ ପ୍ରକଳ୍ପ ପାଇଁ ୩୦.୬୦ କୋଟି, ଷୋଡକ ମାଇନର ଓ ସବ୍ ମାଇନର କେନାଲରେ କଂକ୍ରିଟ ଲାଇନିଂ ପାଇଁ ୬ କୋଟି ଏବଂ ଭଞ୍ଜନଗର, ଜଗନ୍ନାଥପ୍ରସାଦ ବ୍ଲକ୍‌ର ୪୬ଟି ଗ୍ରାମପଞ୍ଚାୟତକୁ ମେଗା ପାଇପ ଜଳଯୋଗାଣ ପାଇଁ ୨୦୦୦ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ। ସାନଖେମୁଣ୍ଡିରେ ୫୦ କୋଟି ଟଙ୍କାର କାମ ଚାଲିବା ସହିତ ଧରାକୋଟ ବ୍ଲକ୍‌ରେ ନୂଆ ଡିଗ୍ରୀ କଲେଜ ଓ ଜଗନ୍ନାଥ ମନ୍ଦିର ପାଇଁ ୨.୨୦ କୋଟି ଟଙ୍କା, ଧରାକୋଟ ବ୍ଲକ୍‌ରେ ଜାନିଭିଲି ବ୍ୟାରେଜ ପାଇଁ ୧୨୦ କୋଟି ଟଙ୍କା, ଘୋଡାହାଡ ଡ୍ୟାମରୁ ସାନଖେମୁଣ୍ଡି ବ୍ଲକ୍‌କୁ ମେଗା ପାନୀୟ ଜଳ ଯୋଗାଣ ପାଇଁ ୧୯୬.୨୯ କୋଟି ଟଙ୍କା, ଧରାକୋଟ ଜାନିଭିଲି ରାସ୍ତାରେ ଋଷିକୂଲ୍ୟା ନଦୀ ଉପରେ ହାଇଲେବୁଲ ସେତୁ ପାଇଁ ୨୬୨.୧୮ କୋଟି ଟଙ୍କା ଦିଆଯାଇଛି। ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀ ପାଇଁ ୫୦ କୋଟି ଟଙ୍କାର କାମ ଚାଲିଥିବା ବେଳେ, ବୁଗୁଡା ବିରଞ୍ଚି ନାରାୟଣ ମନ୍ଦିର ପାଇଁ ୨.୫୦ କୋଟି, ମୋରଡା ଜଗନ୍ନାଥ ମନ୍ଦିର ପାଇଁ ୨ କୋଟି ଟଙ୍କା, ବୁଗୁଡା ବୁଦ୍ଧଖୋଲ ମନ୍ଦିର ପାଇଁ ୨ କୋଟି, ଶଙ୍କୁଲେଇ ମନ୍ଦିର ପାଇଁ ୧.୯୦ କୋଟି, ପୋଲସରା ଜଗନ୍ନାଥ ମନ୍ଦିର ପାଇଁ ୧.୨୦ କୋଟି, ଧନେଇ ନଦୀ ଉପରେ ନଦୀଗର୍ଭ ଜଳାଶୟ ପାଇଁ ୨୭.୨୦ କୋଟି ଟଙ୍କା ଏବଂ ମହାନଦୀରୁ ବୁଗୁଡା ଓ ପୋଲସରା ବ୍ଲକ୍‌କୁ ପାଇପ ପାଣି ସପ୍ଲାଇ ପାଇଁ ୨୦୦୦ କୋଟି ଟଙ୍କାର କାମ ଚାଲିଛି। ସେହିଭଳି ସୋରଡା ନିର୍ବାଚନ ମଣ୍ଡଳୀ ପାଇଁ ୪୫ କୋଟି ଟଙ୍କାର କାମ ଚାଲିଥିବା ବେଳେ, ମା' ଖୁଣ୍ଟେଶ୍ୱରୀ ମନ୍ଦିର ପାଇଁ ୧.୯୦ କୋଟି, ବ୍ରାହ୍ମଣଦେବୀ ମନ୍ଦିର ପାଇଁ ୧.୧୦ କୋଟି, ଲରୁଡୁ ମ୍ୟାରିଚର୍ଚ୍ଚ ପାଇଁ ୨୫ ଲକ୍ଷ ଟଙ୍କା ଏବଂ ବିଭିନ୍ନ ମଠ ମନ୍ଦିର, ମସ୍‌ଜିଦ ଓ ଅନ୍ୟାନ୍ୟ କମ୍ୟୁନିଟି ସେଣ୍ଟରର ପାଇଁ ୭.୨୦ କୋଟି ଟଙ୍କାର କାମ ଚାଲିଛି । ଭଞ୍ଜନଗରରେ ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ କହିଲେ ଯେ ଏକବିଂଶ ଶତାବ୍ଦୀର ପରିଚୟ ହେଉଛି ବିକାଶ। ଓଡିଶାର ସର୍ବାଙ୍ଗୀନ ବିକାଶର ମଙ୍ଗ ଧରିଛନ୍ତି ନବୀନ ପଟ୍ଟନାୟକ। ନବୀନ ବାବୁଙ୍କ ବିକାଶ ରଥର ସାରଥୀ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ। ରଥୀ ସାରଥୀ ଯଦି ଏକାଠି ହେବେ, ଉଭୟଙ୍କ ଉଦ୍ଦେଶ୍ୟ ଯଦି ଏକ ହେବ, ତେବେ ଓଡିଶାର ବିକାଶ ଶିଖର ଛୁଇଁବ। ନବୀନ ବାବୁଙ୍କ ସମୟରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା, ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେଲା, ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଆରମ୍ଭ ହେଲା। ଓଡିଶାର ଭୌତିକ, ସାଂସ୍କୃତିକ, ସାହିତ୍ୟିକ ବିକାଶ ପରେ, ଯୁବପିଢିଙ୍କ ମାନସିକ ବିକାଶ ପାଇଁ ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ହୋଇଛି ବୋଲି ସେ କହିଥିଲେ।

## ଆଜି ଆସିବେ ...

କଟକରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗ ଦେବା ପରେ ଭୁବନେଶ୍ୱରରେ ପହଞ୍ଚି ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଜେପି ନଡ୍ଡା ଓଡ଼ିଶା ଆସିଥିଲେ। ବ୍ରହ୍ମପୁରର ଆମ୍ବପୁଆରେ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ତେବେ ଏଥର ନଡ୍ଡା ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ କ'ଣ ଗୁରୁମନ୍ତ୍ର ଦେଉଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି।

## କଲବଲ ହେଲା...

୪୧.୨ ଡିଗ୍ରୀ, ରାୟଗଡ଼ାରେ ୪୧.୨ ଡିଗ୍ରୀ, ରାଉରକେଲାରେ ୪୦.୬ ଡିଗ୍ରୀ, କଟକରେ ୪୦.୫ ଡିଗ୍ରୀ, କେନ୍ଦୁଝରରେ ୪୦.୪ ଡିଗ୍ରୀ, ନବରଙ୍ଗପୁରରେ ୪୦.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୦ ଡିଗ୍ରୀରେକର୍ଡ କରାଯାଇଛି।

## ସୁଜାତା କାର୍ତ୍ତିକ ...

ସରିବା ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟରୁ ନିବୃତ୍ତ ରଖିବାକୁ ବିଜେପି ପକ୍ଷରୁ ଦାବି ହୋଇଥିଲା। ବିଜେପିର ଅଭିଯୋଗ ପରେ ନିର୍ବାଚନ ଆୟୋଗ ପଦକ୍ଷେପ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ବରିଷ୍ଠ ଆଇଏଏସ ଅଧିକାରୀ ଶାଲିନୀ ପଣ୍ଡିତଙ୍କୁ ମିଶନଶକ୍ତି ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

## ଷ୍ଟକ୍‌ବଜାରରେ ...

କରିଥିଲେ । ଏହା ସହ ସେନ୍‌ସେକ୍ସ ପ୍ରାରମ୍ଭିକ କାରବାରରେ ଦ୍ରୁତ ବୃଦ୍ଧି ସହ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ନିଫ୍ଟି ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲା। ଶୁକ୍ରବାର ପ୍ରାରମ୍ଭିକ କାରବାରରେ ସେନସେକ୍ସ ୪୭୦.୯୨ ପଏଣ୍ଟ ବୃଦ୍ଧି ପାଇ ୭୫,୦୮୨.୦୩ ପଏଣ୍ଟରେ ପହଞ୍ଚିଥିଲା, ସେହିପରି ନିଫ୍ଟି ୧୪୫ ପଏଣ୍ଟ ବୃଦ୍ଧି ପାଇ ୨୨,୭୯୪.୭୦ ପଏଣ୍ଟର ରେକର୍ଡ ସ୍ତରରେ ପହଞ୍ଚିଥିଲା।

## ରାଏବରେଲିରୁ ...

ଗଡ଼ କୁହାଯାଉଥିବା ଆମେଥି ଆସନରୁ ଟିକେଟ ଦିଆଯାଇଛି। ସୋନିଆ ଗାନ୍ଧି ରାୟବରେଲିରୁ ସାଂସଦ ଅଛନ୍ତି । ବର୍ତ୍ତମାନ ସେ ରାଜ୍ୟସଭାକୁ ଯିବା ପରେ ଏହି ଆସନ ଖାଲି ପଡ଼ିଛି। ୨୦୧୯ ନିର୍ବାଚନରେ କଂଗ୍ରେସ ରାଏବରେଲିରୁ ଜିତିଥିଲା, କିନ୍ତୁ ବିଜେପି ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ହାତରେ ରାହୁଲଙ୍କୁ ଆମେଥିରୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଏଥର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ଦୁଇଟି ଆସନର ପ୍ରାର୍ଥୀଙ୍କ ନାମକୁ ଗୁପ୍ତ ରଖିଥିଲା କଂଗ୍ରେସ ।

## ସରକାରୀ ...

ନିଯୁକ୍ତି ପ୍ରଦାନ। ବେଳେ ବିରରକୁ ନିଆଯିବ ନାହିଁ । ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ୧୯୯୬, ଅକ୍ଟୋବର ୧୦ର ଆଦେଶପତ୍ର ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ ବୋଲି କୋର୍ଟ କହିବା ସହ ତାହାକୁ ରଦ୍ଦ କରିଦେଇଛନ୍ତି।

# ଚିତ୍ରୋତ୍ପଳା ନଦୀରେ ବୁଡ଼ି ଛାତ୍ରର ମୃତ୍ୟୁ

**ସାଲେପୁର, ନ୍ୟୁଜ୍‌ବ୍ୟୁରୋ**

ସାଲେପୁର ବ୍ଲକ୍ ଅନ୍ତର୍ଗତ ତରିତୋ ପଞ୍ଚାୟତ ମୁର୍କୁଣ୍ଡି ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗାଧୋଇବା ବେଳେ ଚିତ୍ରୋତ୍ପଳା ନଦୀରେ ବୁଡ଼ିଯାଇ ପ୍ରାଣହରାଇଛି +୨ଛାତ୍ର। ପ୍ରକାଶ ଯେ, ଗୁରୁବାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ମୁର୍କୁଣ୍ଡି ଗ୍ରାମର ଅମୂଲ୍ୟ ବେହେରାଙ୍କ ପୁଅ ପ୍ରୀତି ରଞ୍ଜନ ବେହେରା ଚିତ୍ରୋତ୍ପଳା ନଦୀରେ ସାଙ୍ଗମାନଙ୍କ ସହ ଗାଧୋଇବା ବେଳେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ତୁରନ୍ତ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ କିଶନ ନଗର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏଥି ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଏସସିବିରେ ଅଚଳ ଏସି : ଛଟପଟ ରୋଗୀ

**କଟକ,ନ୍ୟୁଜ୍‌ବ୍ୟୁରୋ**




ଏସ୍‌ସିବି ମେଡିକାଲରେ ସନ୍ତୁଳି ଗଲେଣି ରୋଗୀ। କାମ କରୁନି ଏସି। ଦିନକୁ ଦିନ ସହରରେ ତାତି ବଢୁଥିବା ବେଳେ କଲବଲ ହୋଇଗଲେଣି ରୋଗୀ। କେବଳ ଏତିକି ନୁହେଁ ଖରା ଯୋଗୁଁ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଏପରି ପରିସ୍ଥିତିରେ ଯଦି କେହି ଅଂଶୁଘାତ ରୋଗୀ ଏସ୍‌ସିବିକୁ ଆସେ ତେବେ ତାହାର ଚିକିତ୍ସା କେମିତି ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଏଥିରୁ ଏମ୍ସପ୍ଲସ ବୋଲାଉଥିବା ଏସ୍‌ସିବି ମେଡିକାଲରେ ଏଭଳି ଅବସ୍ଥା ସ୍ୱାସ୍ଥ୍ୟ ବ୍ୟବସ୍ଥାର ନଗ୍ନତା ବାରି ହେଉଛି।

କଟକ ଏସସିବି ବଡ଼ ମେଡିକାଲର ନନ୍ ଟ୍ରମା କାଜୁଆଲଟି ଏସି ବନ୍ଦ ହୋଇପଡିରହିଛି ଯେଉଁଠି ଜରୁରୀକାଳୀନ ରୋଗୀମାନେ ଭର୍ତ୍ତି ହୁଅନ୍ତି ଓ ଆଶୁ ଚିକିତ୍ସା ପାଇଥାନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଏଠାରେ ୨୦ରୁ ଉର୍ଦ୍ଧ୍ୱ ଏସି ଥାଇ ମଧ୍ୟ ଅଚଳ ଅବସ୍ଥାରେ ପଡିରହିଛି, ଯାହାକୁ ନେଇ ନାହିଁ ନଥିବା ଗରମର ସମ୍ମୁଖୀନ ହେଉଛନ୍ତି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ। ଗୋଟିଏ ପଟେ ନନ୍ ଟ୍ରମା କାଜୁଆଲଟି ଟିଣ ଆଜ୍‌ବେଷ୍ଟ ଘର ହୋଇଥିବାରୁ ପ୍ରଚଣ୍ଡ ତାତିର ପ୍ରଭାବ ପଡୁଛି। ଅନ୍ୟପଟେ ବନ୍ଦ ରହିଥିବା ଏସି ତାତିର ପ୍ରଭାବକୁ ଦ୍ୱିଗୁଣିତ କରୁଛି ଯାହାର ପରିଣାମ ଭୋଗୁଛନ୍ତି ରୋଗୀ। ଡକ୍ଟରଙ୍କ ଚ୍ୟାମ୍ବରରେ ଏସି ଠିକ୍ କାମ କରୁଥିଲା ବେଳେ କିନ୍ତୁ ରୋଗୀଙ୍କ ପାଖରେ ଏସି କେମିତି ଫେଲ୍ ମାରୁଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରୋଗୀଙ୍କ ସମ୍ପର୍କୀୟ।

ନନ୍ ଟ୍ରମା କାଜୁଆଲଟିରେ କେବଳ ଆମ ରାଜ୍ୟ ନୁହଁ ବରଂ ପଡୋଶୀ ରାଜ୍ୟ ମାନଙ୍କର ରୋଗୀ ଚିକିତ୍ସାରତ ରହିଛନ୍ତି। ଫଳରେ ଏଠାରୁ ଅନେକ ଗୁରୁତର ରୋଗୀଙ୍କୁ ଘରୋଇ ମେଡିକାଲକୁ ସ୍ଥାନାନ୍ତର କଲେଣି ସମ୍ପର୍କୀୟ, ଯାହା ଏକ ବଡ଼ ନିନ୍ଦନୀୟ କଥା। ଅନ୍ୟପଟେ ଏମ୍ସପ୍ଲସର ସ୍ୱପ୍ନ ଦେଖି ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ବଡ଼ ବଡ଼ କୋଠା ନିର୍ମାଣ କରାଯାଉଛି। ହେଲେ ରୋଗୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ସେପଟେ ଏଭଳି ଅସୁବିଧା କେବଳ ଲୋ ଭୋଲଟେଜ୍ ପାଇଁ ହୋଇଥିବା କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଅନ୍ୟପଟେ ଇଲେକ୍ଟ୍ରି ମେଣ୍ଟେନାନ୍ସ ଠିକାଦାର ମାନେ ବକେୟା ପାଉଣା ପାଇନଥିବା ହେତୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତେଣୁ ମେଣ୍ଟେନାନ୍ସ ଦାୟିତ୍ୱ ମଧ୍ୟ ସଠିକ୍ ଢଙ୍ଗରେ ହୋଇନଥିବା ଜଣାପଡିଛି। ତେଣୁ ଏହି ଅସୁବିଧାକୁ ଯୁଦ୍ଧକାଳୀନ ସମୟ ଭିତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ଓ ପୂର୍ବପରି ଏସି ଶୀଘ୍ର କାର୍ଯ୍ୟ କରିବ ବୋଲି କହିଛନ୍ତି ମେଡିକାଲ କୁଳସଚିବ।

ଭୁବନେଶ୍ୱର
୪ ମଇ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ବୋଷ୍ଟନଠାରେ ଓଡ଼ିଶା ଷ୍ଟାର୍ଟଅପ୍‌ର ସଫଳତା

**ଭୁବନେଶ୍ୱର,୪।୫ :ନ୍ୟୁଜ୍‌ବ୍ୟୁରୋ**

ସଂପ୍ରତି ଆମେରିକାର ବୋଷ୍ଟନର ନର୍ଥ ଇଷ୍ଟର୍ଣ୍ଣ ୟୁନିଭରସିଟ୍‌ଠାରେ ଅନୁଷ୍ଠିତ ହୋଇଥିବା ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନ ଓ ତତ୍‌ସମ୍ବନ୍ଧୀୟ ଅଭିଭାଷଣ କାର୍ଯ୍ୟକ୍ରମରେ ଓଡ଼ିଶା ଷ୍ଟାର୍ଟଅପ୍ କୃତିତ୍ୱ ଅର୍ଜନ କରିଛି। ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ସ୍ୱୀକୃତ ତଥା ଓଡ଼ିଶା ଷ୍ଟାର୍ଟଅପ୍ ଦ୍ୱାରା ପୁରସ୍କୃତ ନିଉରୂପ ଟେକ୍ ସଲ୍ୟୁସନ୍ କମ୍ପାନୀର ପ୍ରତିଷ୍ଠାତା ଅନୁପ ପାଇକରାୟ ଏହି ସଫଳତା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବୋଷ୍ଟନ୍‌ଠାରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପ୍ରଦର୍ଶନରେ ପ୍ରାୟ ୧୦ ଗୋଟି ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲା ବେଳେ ଓୟୁଟିଆର୍ (ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି




ଆଣ୍ଡ ରିସର୍ଚ୍ଚ)ର ଛାତ୍ର ଅନୁପ ପାଇକରାୟ ଏକମାତ୍ର ଭାରତୀୟ ଛାତ୍ର ଭାବେ କୃତିତ୍ୱ ଅର୍ଜନ କରି ନିଜ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ଷ୍ଟାର୍ଟଅପ୍ ପାଇଁ ବେଶ୍ ସଫଳତା ଓ ଗୌରବ ଆଣି ଦେଇଛନ୍ତି। ପୁରସ୍କୃତ ହେବା ସମୟରେ ଶ୍ରୀ ପାଇକରାୟ ଭାରତର ଜାତୀୟ ପତାକା ଉଡ଼ାଇ ବିଶ୍ୱସ୍ତରରେ ଭାରତ ମାଟିକୁ ସମ୍ମାନିତ କରିଥିଲେ। ପୁରସ୍କାର ବାବଦରେ ସେ ୨ ଲକ୍ଷ ଟଙ୍କା ଓ ଟ୍ରଫି ଉପଲବ୍ଧି କରିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ପ୍ରଦର୍ଶନ ପ୍ରତିଯୋଗିତାରେ ହାର୍ଭାର୍ଡ ୟୁନିଭରସିଟି, ଏମ୍.ଆଇ.ଟି (ଆମେରିକା), ଟଫସ ୟୁନିଭରସିଟି, ବୋଷ୍ଟନ ୟୁନିଭରସିଟି, ବେଣ୍ଟଲି ୟୁନିଭରସିଟି, ଓ୍ୱେଷ୍ଟ ଓ୍ୱର୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଇମରସନ୍ କଲେଜ ଆଦି ୧୦ ଗୋଟି ବିଦ୍ୟାଳୟର ଷ୍ଟାର୍ଟଅପ୍ ଛାତ୍ର ଅଂଶଗ୍ରହଣ କରିଥିଲେ।

ଶ୍ରୀ ପାଇକରାୟ ପୂର୍ବରୁ ଭାରତର ବିଭିନ୍ନ ସ୍ଥାନରେ ନିଜର ପ୍ରକଳ୍ପ ପାଇଁ ମଧ୍ୟ ପୁରସ୍କୃତ ହୋଇସାରିଛନ୍ତି । ଓଡ଼ିଶା ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପ୍ରାୟୋଜିତ ଷ୍ଟାର୍ଟଅପ୍ ଉତ୍ସବରେ ଶ୍ରେଷ୍ଠ ଷ୍ଟାର୍ଟଅପ୍ ଛାତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହା ବ୍ୟତୀତ ଗୀତମ୍ ୟୁନିଭରସିଟି, ହାଇଦ୍ରାବାଦ୍, ଗ୍ରୀନ୍ ବେଙ୍ଗଲ ଇନୋଭେସନ୍ କଣ୍ଟେଷ୍ଟ, ୩-ଏମ୍ ୟଙ୍ଗ୍ ଇନୋଭେଟର, ତାଲ୍ ଆଦି ସମ୍ମାନ ଲାଭ କରିଛନ୍ତି । ଅନୁପଙ୍କ ପ୍ରକଳ୍ପ ମୁଖ୍ୟତଃ ଆଫ୍ରିକାର ଗ୍ରାମାଞ୍ଚଳରେ ରହିଥିବା ୫୦ କୋଟି ମହିଳାଙ୍କ ଜୀବନର ମାନରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ। ପ୍ରକଳ୍ପ ଚୂଲିଭ୍ ବିଶ୍ୱର ପ୍ରଥମ ଅଟୋମେଟିକ୍ ଏୟାରବ୍ଲୋୟର୍, ମାତ୍ର ୫୦୦ ଟଙ୍କାରେ ମାଟି ଚୂଲିରେ ଆସୁଥିବା ଧୂଆଁକୁ ହ୍ରାସ କରି ମହିଳାମାନଙ୍କ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO)ର ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ବର୍ଷ ଆପାତତଃ ୨୦ ଲକ୍ଷ ମହିଳାଙ୍କର ଚୂଲିରୁ ନିର୍ଗମ ଧୂମ୍ରଜନିତ ମୃତ୍ୟୁ ଘଟେ । ଅନୁପଙ୍କର ଚୂଲିଭ୍ ଏହି ସମସ୍ୟାକୁ ଦୂରେଇ ଦେବାରେ ଯଥେଷ୍ଟ ସହାୟକ ହେବ। ଶ୍ରୀ ପାଇକରାୟଙ୍କ କୃତିତ୍ୱ ଓଡ଼ିଶାର ଷ୍ଟାର୍ଟଅପ୍‌କୁ ଅଧିକରୁ ଅଧିକ ଉର୍ଦ୍ଧ୍ୱଗାମୀ କରିବା ସହ ଶହ ଶହ ଛାତ୍ରଙ୍କୁ ପ୍ରେରଣା ଯୋଗାଇବ।

# ମୁଖ୍ୟମନ୍ତ୍ରୀଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀଙ୍କ କୃତଜ୍ଞତା



**ଭୁବନେଶ୍ୱର,୪।୫ ନ୍ୟୁଜ୍‌ବ୍ୟୁରୋ**

ନବୀନ ନିବାସରେ ୪ ଜଣ ବିଜେଡି ବିଧାୟକ ପ୍ରାର୍ଥୀ। ଗୁରୁବାର ଘୋଷିତ କୋରେଇ ବିଧାନସଭା ଆସନ ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ, ନୀଳଗିରି ବିଧାନସଭା ଆସନ ପ୍ରାର୍ଥୀ ସୁକାନ୍ତ ନାୟକ, ଦେବଗଡ଼ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଖଣ୍ଡପଡ଼ା ବିଧାନସଭା ଆସନ ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ନବୀନ ପଟ୍ଟନାୟକଙ୍କୁ ଭେଟି ଟିକେଟ ଦେଇଥବାରୁ କୃତଜ୍ଞତା ଜଣାଇଛନ୍ତି।

ନବୀନଙ୍କୁ ଭେଟିବା ପରେ ସେମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆଶୀର୍ବାଦ ନେଲେ। ଏବେ ଗ୍ରାଉଣ୍ଡରେ ଲୋକଙ୍କ ଆଶୀର୍ବାଦ ଲୋଡ଼ିବୁ ବୋଲି ପ୍ରାର୍ଥୀମାନେ କହିଛନ୍ତି। ନବୀନଙ୍କ ବିକାଶଧାରା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ବିଜେଡିର ବଡ଼ ବିଜୟ ପାଇଁ କାମ କରିବେ ବୋଲି ପ୍ରାର୍ଥୀମାନେ କହିଛନ୍ତି।

# ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ବିରୋଧୀଙ୍କୁ ବିଜେଡିର ଟାର୍ଗେଟ୍

**ଭୁବନେଶ୍ୱର,୪।୫ :ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ବିରୋଧୀଙ୍କୁ ବିଜେଡି ନେତା ସଞ୍ଜୟ ଦାସବର୍ମା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାଷା, ସାହିତ୍ୟ ଓ ସଂସ୍କୃତି ଏକ ଜାତିର ପରିଚୟ। ଆମ ସଂସ୍କୃତି ଘୃଣାର ସଂସ୍କୃତି ନୁହେଁ। ଓଡ଼ିଆ ଅସ୍ମିତା କଥା ବିରୋଧୀ ବାରମ୍ବାର ଉଠାଉଛନ୍ତି। ଓଡ଼ିଆ ଅସ୍ମିତାର ଆଧାର ହେଉଛି ଭାଷା ଓ ସଂସ୍କୃତି। ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ କରିଚାଲିଛନ୍ତି ନବୀନ ସରକାର। ଓଡ଼ିଶାରୁ ଓଡ଼ିଆ ହୋଇଛି।

ଏଥିପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପର ଉଦାହରଣ ଦେଇଥିଲେ ସଞ୍ଜୟ ଦାସବର୍ମା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରକଳ୍ପ। ଏହାର ଉଦ୍‌ଘାଟନ ଉତ୍ସବକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହା ସତ୍ତ୍ୱେ ଧର୍ମେନ୍ଦ୍ର



ଆସିଲେନି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଅସ୍ମିତାକୁ ବିକଶିତ କରିବା ପାଇଁ କ'ଣ କରିଛନ୍ତି ବୋଲି ସଞ୍ଜୟ ଦାସବର୍ମା ପ୍ରଶ୍ନ କରିଛନ୍ତି ?

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ କ'ଣ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ ? ବିଜୁବାବୁଙ୍କୁ ଭାରତରତ୍ନ ନମିଳିବା କ'ଣ ଓଡ଼ିଆ ଅସ୍ମିତାର ପରିଚୟ ବୋଲି ପ୍ରଶ୍ନ କରିଛି ବିଜେଡି। ବିଜୁବାବୁଙ୍କୁ କାହିଁକି ଦେଉନାହାନ୍ତି ଭାରତରତ୍ନ ? ବିଜୁବାବୁଙ୍କୁ ଭାରତରତ୍ନ ପାଇଁ ବିଚାର ନକରିବା ଦୁର୍ଭାଗ୍ୟଜନକ। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବି କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବିରୋଧୀ ଓଡ଼ିଆ ଅସ୍ମିତା କଥା ଉଠାଉଛନ୍ତି। ୧୦ ବର୍ଷ ଧରି କେନ୍ଦ୍ର କ୍ୟାବିନେଟରେ ରହି କ'ଣ କରିଛନ୍ତି ଧର୍ମେନ୍ଦ୍ର ? କୋଷ୍ଟାଲ ହାଇଓ୍ୱେ ନେଇ ଖାଲି ଫାଙ୍କା ବୟାନବାଜି କରୁଛନ୍ତି। କାମ କିଛି ହେଉନାହିଁ ବୋଲି ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି।

# ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ଶେଷ : ଆଜି ଯାଞ୍ଚ

**ଭୁବନେଶ୍ୱର,୪।୫ ନ୍ୟୁଜ୍‌ବ୍ୟୁରୋ**

ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଲାଗି ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ। ଶନିବାର ହେବ ପ୍ରାର୍ଥିପତ୍ର ଯାଞ୍ଚ। ଆସନ୍ତା ମେ' ୨୦ରେ ଭୋଟ୍। ଓଡ଼ିଶାର ୫ ଲୋକସଭା ଓ ଏହା ଅନ୍ତର୍ଗତ ବିଧାନସଭା ଆସନ ସମେତ ୮ ରାଜ୍ୟର ୪୯ ଲୋକସଭା ଆସନରେ ପଡ଼ିବ ଭୋଟ। ପଞ୍ଚମ ପର୍ଯ୍ୟାୟରେ ବିହାରର ୫, ଝାଡ଼ଖଣ୍ଡର ୩, ମହାରାଷ୍ଟ୍ରର ୧୩,



ଉତ୍ତରପ୍ରଦେଶର ୧୪, ପଶ୍ଚିମବଙ୍ଗର ୭, ଜମ୍ମୁ ଓ କଶ୍ମୀରର ଗୋଟିଏ ଓ ଲଦାଖର ଗୋଟିଏ ଆସନରେ ହେବ ଭୋଟ୍।

ଜୁନ୍ ୪ରେ ପ୍ରକାଶ ପାଇବ ଫଳ। ବର୍ତ୍ତମାନ ସୁଦ୍ଧା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ ୫ଟି ପର୍ଯ୍ୟାୟ ମତଦାନ ବାକି ରହିଛି। ମେ' ୭ରେ ହେବ ତୃତୀୟ ପର୍ଯ୍ୟାୟ ମତଦାନ। ସେହିପରି ମେ' ୧୪ରେ ଚତୁର୍ଥ ପର୍ଯ୍ୟାୟ, ମେ' ୨୦ରେ ପଞ୍ଚମ ପର୍ଯ୍ୟାୟ, ମେ' ୨୫ରେ ଷଷ୍ଠ ପର୍ଯ୍ୟାୟ ଏବଂ ଜୁନ୍ ୧ରେ ସପ୍ତମ ତଥା ଶେଷ ପର୍ଯ୍ୟାୟ ଭୋଟ୍ ହେବ।

# ବିଜେଡିରେ ଯୋଗ ଦେଲେ ଓଲିଉଡ୍ ଅଭିନେତ୍ରୀ ଜିନା



**ଭୁବନେଶ୍ୱର,୪।୫ :ନ୍ୟୁଜ୍‌ବ୍ୟୁରୋ**

ବିଜେଡିରେ ସାମିଲ ହୋଇଛନ୍ତି ଓଲିଉଡ୍ ଅଭିନେତ୍ରୀ ଜିନା ସାମଲ। ନିର୍ବାଚନର ଠିକ୍ ପୂର୍ବରୁ ବିଜେପି ଛାଡିଛନ୍ତି ଜିନା। ଶୁକ୍ରବାର ସକାଳେ ସେ ବିଜେପି ଛାଡ଼ିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଥିଲେ ଜିନା। ଦୀର୍ଘଦିନ ଧରି ବିଜେପି ପାଇଁ ଝାଳରକ୍ତ ବୁହାଇ ବି ଉଚିତ ମୂଲ୍ୟ ମିଳିନାହିଁ। ପରିଶ୍ରମର ଫଳ ମିଳିବା ତ ଦୂରର କଥା ରାଜ୍ୟ ନେତୃବୃନ୍ଦ କୌଣସି ଦାୟିତ୍ୱ ଦେଉନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରି ଦଳ ଛାଡିଛନ୍ତି ଜିନା। ଶୁକ୍ରବାର ବିଧିବଦ୍ଧ ଭାବେ ବିଜେଡିରେ ମିଶିବା ପରେ ଜିନା କହିଛନ୍ତି ଯେ ଓଡ଼ିଶା ବିକାଶରେ ସହଯୋଗୀ ହେବା ଉଦ୍ଦେଶ୍ୟରେ ବିଜେଡିରେ ସାମିଲ ହୋଇଛି।




**ଭୁବନେଶ୍ୱର : ନବୀନ ନିବାସ ପରିସରରେ ସୁରକ୍ଷିତ ଭାବେ ରହିଛି ବିଜୁବାବୁଙ୍କ କାର୍। (ଫଟୋ : ସମ୍ବାଦକଳିକା)**

# ମହାବୀରଙ୍କ ଆଶୀର୍ବାଦ ନେଇ ନାମାଙ୍କନ ଭରିଲେ ରୁଦ୍ର

**ନିମାପଡ଼ା,୪।୫ :ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ପିପିଲିରୁ ନାମାଙ୍କନ ଭରିଲେ ରୁଦ୍ର ପ୍ରତାପ ମହାରଥୀ। ଏଥିପାଇଁ ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ବିଜେଡିରୁ ପ୍ରାର୍ଥୀ ହୋଇଥିବା ରୁଦ୍ର ପ୍ରତାପ ପ୍ରଥମେ ପିପିଲି ବିଜେଡି କାର୍ଯ୍ୟାଳୟ ନିକଟରେ ଥିବା ବାଟ ମହାବୀର ମନ୍ଦିରରେ ନିଜ ପରିବାର ସହିତ ପୂଜାର୍ଚ୍ଚନା କରିଥିଲେ। ଏହାପରେ ହଜାର ହଜାର ସମର୍ଥକଙ୍କ ସହ ବିଶାଳ ଶୋଭାଯାତ୍ରାରେ ପ୍ରାର୍ଥିପତ୍ର ଦାଖଲ ପାଇଁ ପୁରୀ ଅଭିମୁଖେ ବାହାରିଥିଲେ। ତାଙ୍କ ସହ ମାଆ ପ୍ରତିଭା ମହାରଥୀ, ଭଉଣୀ ପଲ୍ଲବୀ ମହାରଥୀ ଓ ଭିଣୋଇ ଅର୍ଦ୍ଧେନ୍ଦୁ ଦାସ ଥିଲେ। ଏହି ଅବସରରେ ରୁଦ୍ର ପ୍ରତାପ କହିଛନ୍ତି, 'ହଜାର ହଜାର ସଂଖ୍ୟାରେ ଡେଲାଙ୍ଗ ପିପିଲର ମାଆମାନେ, ଯୁବକସାଥୀ ଓ ବୁଦ୍ଧିଜୀବୀମାନେ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଅଞ୍ଚଳବାସୀ ମୋତେ ପୁନର୍ବାର ଏହି ସ୍ୱାଭିମାନୀ ମାଟିର ସେବା ପାଇଁ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଅଞ୍ଚଳର ବିକାଶ ଧାରାକୁ ଆଗେଇ ନେବାକୁ ସୁଯୋଗ ଦେବେ ବୋଲି ମୋର ବିଶ୍ୱାସ।' ଦିବଙ୍ଗତ ନେତା ପ୍ରଦୀପ ମହାରଥୀଙ୍କୁ ଯେଉଁଭଳି ପିପିଲିବାସୀ ସମର୍ଥନ ଦେଇ ଆସୁଥିଲେ ସେହିଭଳି ସମର୍ଥନ ରୁଦ୍ରଙ୍କ ପ୍ରତି ରହିବ ଏବଂ ସେ ନିଶ୍ଚୟ ବିଜୟଲାଭ କରିବେ ବୋଲି ତାଙ୍କର ମାଆ ପ୍ରତିଭା ମହାରଥୀ ଏବଂ ଭଉଣୀ ପଲ୍ଲବୀ ମଧ୍ୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପିପିଲି ଆସନଟି ବିଜେଡିର ଗଡ଼ ଭାବେ ରହିଆସିଛି। ପୂର୍ବରୁ ଦିବଙ୍ଗତ ନେତା ପ୍ରଦୀପ ମହାରଥୀ ଏଠୁ ବିଧାୟକ ଥିବାବେଳେ ତାଙ୍କର ନିଧନ ପରେ ପୁଅ ରୁଦ୍ର ପ୍ରତାପ ବିଧାୟକ ରହିଛନ୍ତି । ଚଳିତ ନିର୍ବାଚନରେ ବିଜେଡି ପୁଣିଥରେ ତାଙ୍କୁ ଏଠୁ ଟିକଟ ଦେଇଥିବା ବେଳେ ବିଜେପିରୁ ଆଶ୍ରିତ ପଟ୍ଟନାୟକ ଏବଂ କଂଗ୍ରେସରୁ ଜ୍ଞାନ ରଞ୍ଜନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। ତେବେ ପିପିଲିରେ ଏଥର ବି କଡ଼ା ଲଢେଇ ଦେଖିବାକୁ ମିଳିବ। ରୁଦ୍ର ପୁନର୍ବାର ଭୋଟରଙ୍କ ଆଶୀର୍ବାଦ ପାଇବାର ଆଶା ରଖିଥିବା ବେଳେ ବିଜେଡି ଗଡ଼ରେ ବିଜୟ ପାଇଁ କଂଗ୍ରେସ ଓ ବିଜେପି ମଧ୍ୟ କସରତ ଚଳାଇଛନ୍ତି। ଏହାକୁ ନେଇ ଏବେ ବେଶ୍ ସରଗରମ ରହିଛି ପିପିଲି ରାଜନୀତି।



